ବର୍ଷ-୨୬, ସଂଖ୍ୟା-୩୧୩
ଭୁବନେଶ୍ୱର
ନଭେମ୍ବର, ୨୩, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 313
Bhubaneswar
November, 23, 2026, Monday
Page-08, Rs.: 2.00

ମହାଭାରତ
Mahabharat

RNI Regd. No.: ODIODI2000/03863
Website : www.mahabharataepaper.com



ସୋସିଆଲ ମିଡିଆକୁ ଫେରିଲେ ପ୍ରାଚୀ

ଆନ୍ଧ୍ର ନିର୍ବାଚନ ଭଣ୍ଡୁର ଯୋଜନା

ପଟାଙ୍ଗି/କୋରାପୁଟ, ୨୨।୧୧(ମହାଭାରତ): ଡିସେମ୍ବର ୨ରେ କୋଟିଆରେ ଆନ୍ଧ୍ର କରିବ ସରପଞ୍ଚ ଓ ୱାର୍ଡସଭ୍ୟ ନିର୍ବାଚନ। ନିର୍ବାଚନ ଲାଗି କୋଟିଆରୁ ଯେପରି କେହି ପ୍ରାର୍ଥିପତ୍ର ଦାଖଲ ନ କରନ୍ତି ତା' ଉପରେ କଡ଼ା ନଜର ରଖିଛି କୋରାପୁଟ ଜିଲ୍ଲା ପ୍ରଶାସନ। ଜିଲ୍ଲା ପରିଷଦ ଭଳି ଚଳିତ ନିର୍ବାଚନକୁ ଭଣ୍ଡୁର କରିବା ପାଇଁ ପଦକ୍ଷେପ ନେଇଛି। ଆନ୍ଧ୍ର ସୀମାନ୍ତର ନେରେଡିୱାଲସା, ଫାଟୁସିନେରୀ, ତଳସେନ୍ଧି ୩ଟି ସ୍ଥାନରେ ନାକାବନ୍ଦୀ ଲଗାଇ ଯାନବାହନ ଯାଞ୍ଚ ଓ ପାଟ୍ରୋଲିଂକୁ କଡ଼ାକଡ଼ି କରିଛି ପୁଲିସ। ପ୍ରତି ଚେକ୍‌ପୋଷ୍ଟରେ ଗୋଟିଏ ପ୍ଲାଟୁନ୍ ଫୋର୍ସ ଓ ଦୁଇଜଣ ଅଫିସରଙ୍କୁ ମୁତୟନ କରାଯାଇଛି।

କୋଟିଆବାସୀଙ୍କୁ ଆନ୍ଧ୍ର ମତଦାନରୁ ଦୂରେଇ ରଖିବା ଲାଗି ସ୍ୱତନ୍ତ୍ର ଯୋଜନା ହୋଇଛି। ଡିସେମ୍ବର ୧ ଏବଂ ୨ରେ କୋଟିଆରେ ହେବ 'ପରବ' ମହୋତ୍ସବ। ଗୋଟିଏ ଦିନ ନେରେଡିୱାଲସା ଓ ଗୋଟିଏ ଦିନ ଫାଟୁସିନେରୀରେ କାର୍ଯ୍ୟକ୍ରମ ହେବ। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ



ମହାଜନଙ୍କ ଅଧ୍ୟକ୍ଷତାରେ କୋଟିଆକୁ ନେଇ ବସିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଜିଲ୍ଲାପାଳ ଶ୍ରୀ ମହାଜନ କହିଛନ୍ତି, କୋଟିଆ ଓଡ଼ିଶାର। ବେଆଇନ ଭାବେ ଆନ୍ଧ୍ର ନିର୍ବାଚନ କରୁଛି। ଗୋଟିଏ ଜାଗାରେ ୨ଟି ନିର୍ବାଚନ ହୋଇପାରିବ ନାହିଁ। ଓଡ଼ିଶାରେ ବୁଥ୍ କରିବାକୁ ଦେବୁନି। ଶନିବାର ଗଞ୍ଜେଇପଦର ପଞ୍ଚାୟତରୁ ସରପଞ୍ଚ ପ୍ରାର୍ଥୀ ଭାବେ ଚୋଦିପେଲି ବିସୁ ଓ ଖରା ସିଂଦେରି ନାମାଙ୍କନ ଦାଖଲ କରିଛନ୍ତି। ତେବେ ପ୍ରାର୍ଥିପତ୍ର ଦାଖଲ କରୁଥିବା ବ୍ୟକ୍ତି ଆନ୍ଧ୍ର ନା ଓଡ଼ିଶାର, ତାହାର ଯାଞ୍ଚ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି। କୋଟିଆରେ ଆଇନଶୃଙ୍ଖଳା ଭଙ୍ଗ କିମ୍ବା ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ରୋହିତ ବର୍ମା କହିଛନ୍ତି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, କୋଟିଆରେ 'ପରବ' ମହୋତ୍ସବ ପାଇଁ ରାଜ୍ୟ ସରକାର ୫୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଖେଳକୁଦଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ସ୍ଥାନୀୟ ଲୋକଙ୍କୁ ସାମିଲ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପରିଷଦ ସଭାପତି ସସ୍ମିତା ମେଲେକା, ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ପଟାଙ୍ଗି ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗି, କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ, ସର୍ବଦଳୀୟ ନେତା ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ଓଡ଼ିଶାର ଏହି କଠୋର ପଦକ୍ଷେପକୁ ନେଇ ଆନ୍ଧ୍ରର ସାଲୁର ବିଧାୟିକା ଜି. ସନ୍ଧ୍ୟାରାଣୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସେ ଓଡ଼ିଶାର ପ୍ରଶାସନିକ ଅଧିକାରୀଙ୍କୁ ସମାଲୋଚନା କରିବା ସହ କୋଟିଆର ଆଦିବାସୀଙ୍କୁ ଓଡ଼ିଶା ସରକାର ପଶୁ ଭଳି ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ଓଡ଼ିଶା ଓ ଆନ୍ଧ୍ରରେ ଗୋଟିଏ ସରକାର ଥିବାରୁ କୋଟିଆ ବିବାଦ ଆଉ ହେବ ନାହିଁ ବୋଲି ଆମେ ଭାବୁଥିଲୁ। ମାତ୍ର ଏବେ ଦୁଇ ରାଜ୍ୟ ମଧ୍ୟରେ ଭାରତ-ପାକିସ୍ତାନ ଭଳି ବିବାଦ ସୃଷ୍ଟି ହେଉଥିବା କହି ସେ ଏହାକୁ ଅନୁଚିତ ବୋଲି ମତ ଦେଇଛନ୍ତି।



ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ବରିଷ୍ଠ ନେତୃବୃନ୍ଦ ବିଧାନସଭା ପରିସରରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

ଆଜି ଗଞ୍ଜାମ ଜିଲ୍ଲା ଯିବେ ମୋହନ

ଭୁବନେଶ୍ୱର, ୨୨।୧୧(ମହାଭାରତ): ବାତ୍ୟା ପ୍ରଭାବିତ ଗଞ୍ଜାମ ଜିଲ୍ଲାରେ କ୍ଷୟକ୍ଷତିର ଆକଳନ କରିବାକୁ ଆସନ୍ତାକାଲି ଗସ୍ତ କରିବେ ମୁଖ୍ୟମନ୍ତ୍ରୀ। ଏହି ଗସ୍ତ ସମୟରେ ତାଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଉପସ୍ଥିତ ରହିବେ। ଏ ନେଇ ସୂଚନା ଦେଇଛନ୍ତି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା।

ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ପ୍ରଥମେ ପୁରୁଷୋତ୍ତମପୁର ଓ ପରେ ଛତ୍ରପୁର ଗସ୍ତ କରିବେ। ଏହି ଦୁଇଟି ଅଞ୍ଚଳରେ ବାତ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବା ସହ ପ୍ରଭାବିତ ଅଞ୍ଚଳର ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିବେ। ମୁଖ୍ୟମନ୍ତ୍ରୀଙ୍କ ଏହି ଗଞ୍ଜାମ ଗସ୍ତକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆଶା ସୃଷ୍ଟି ହୋଇଛି। କ୍ଷୟକ୍ଷତିର ସମୀକ୍ଷା ପରେ ପ୍ରଭାବିତ ଲୋକଙ୍କ ପାଇଁ କି ପ୍ରକାର ସହାୟତା ଘୋଷଣା ହେଉଛି, ତାହା ଉପରେ ନଜର ରହିଛି।



ଗସ୍ତ କାର୍ଯ୍ୟକ୍ରମ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଛତ୍ରପୁର ବ୍ଲକ ଅନ୍ତର୍ଗତ ବଉଳଗାଁ ପଞ୍ଚାୟତର ଚାରିଛକଠାରେ ପହଞ୍ଚି ବାତ୍ୟା ଓ ବନ୍ୟାରେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବେ। ବିଶେଷକରି ଜଳମଗ୍ନ ହୋଇଥିବା ଚାଷଜମି ବୁଲି ଦେଖିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିବେ। ଫସଲ ନଷ୍ଟ, କୃଷି କ୍ଷୟକ୍ଷତି ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ସିଧାସଳଖ ଆଲୋଚନା କରିବେ। ଏହାପରେ ମୁଖ୍ୟମନ୍ତ୍ରୀ ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେବେ। ଏହି ବୈଠକରେ ବାତ୍ୟା ଓ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ, ପ୍ରଭାବିତ ଲୋକଙ୍କୁ ରିଲିଫ୍ ପ୍ରଦାନ, ଚାଷୀଙ୍କ ଫସଲ କ୍ଷତି ଏବଂ ପୁନରୁଦ୍ଧାର ଓ ପୁନଃନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରିବେ। ବୈଠକରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ମନ୍ତ୍ରୀ, ସାଂସଦ, ବିଧାୟକ, ଅନ୍ୟାନ୍ୟ ଜନପ୍ରତିନିଧି ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେବେ।ଅନ୍ୟପକ୍ଷରେ, ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଏସ୍‌ପି ହରିଶ ବିଶି, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଓ ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁଙ୍କ ସମେତ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଗସ୍ତସ୍ଥଳ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଓ ଆନୁଷଙ୍ଗିକ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।

ଏହା ପୂର୍ବରୁ ଆଜି ଗଞ୍ଜାମ ଜିଲ୍ଲାରେ ବାତ୍ୟା ଓ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତି ଏବଂ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟର ଏକ ସାମଗ୍ରିକ ଚିତ୍ର ଉପସ୍ଥାପନ କରିଥିଲେ । ବୈଠକରେ ବାତ୍ୟା 'ଅକଭାନ୍'ର ପ୍ରଭାବ, ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି, ଜଳଭଣ୍ଡାର ପରିଚାଳନା ଏବଂ ଜିଲ୍ଲାର ଜଳ ସେଚନ ଭିତ୍ତିଭୂମିର ସ୍ଥିତି ଓ ଏହାର ଉନ୍ନତିକରଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବାତ୍ୟା 'ଅକଭାନ୍' ସମୟରେ ବିଭାଗ ଅଧୀନରେ ଥିବା ବିଭିନ୍ନ ପ୍ରକଳ୍ପ ଓ ଭିତ୍ତିଭୂମିରେ ହୋଇଥିବା କ୍ଷୟକ୍ଷତିର ଯୁଦ୍ଧକାଳୀନ ଭିତ୍ତିରେ ଆକଳନ କରି ତୁରନ୍ତ କ୍ଷୟକ୍ଷତିର ବିବରଣୀ ଓ ଆକଳନ ରିପୋର୍ଟ ପ୍ରଦାନ କରିବାକୁ ପ୍ରମୁଖ ଶାସନ ସଚିବ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଉତ୍ତରପ୍ରଦେଶରୁ ତାମିଲନାଡୁ ଯାଏଁ ଦୁର୍ଘଟଣା

ଭିନ୍ନ ସ୍ଥାନରେ ୪୮ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ୨୨।୧୧(ମହାଭାରତ): ଦେଶର ଭିନ୍ନଭିନ୍ନ ସ୍ଥାନରେ ରବିବାର ଘଟିଥିବା ଦୁର୍ଘଟଣାରେ ମୋଟ ୪୮ ଜଣଙ୍କର ମୃତ୍ୟୁ ଘଟିଛି। ରବିବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଉତ୍ତରପ୍ରଦେଶ ଠାରୁ ତାମିଲନାଡୁ ପର୍ଯ୍ୟନ୍ତ ଘଟିଥିବା ବଡ଼ବଡ଼ ସଡ଼କ ଦୁର୍ଘଟଣାରେ ଅନେକ ଲୋକ ମଧ୍ୟ ଆହତ ହୋଇଛନ୍ତି, ଯେଉଁମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାଜସ୍ଥାନର କୋଟାରେ ଖାଟୁଶ୍ୟାମଙ୍କ ଦର୍ଶନ କରି ଫେରୁଥିବା ପରିବାର ଛିଡ଼ା ହୋଇଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ଘଟିଥିଲା। ଗୁଜରାଟର କଚ୍ଛରେ କାର ଏବଂ ଟ୍ରେଲର ଦୁର୍ଘଟଣାରେ ଗୋଟି ପରିବାରର ୭ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ବିହାରରେ ବିବାହ ସମାରୋହରୁ ଫେରୁଥିବା ସ୍କର୍ପିଓକୁ ଏକ ହାଇୱା ଧକ୍କା ଦେଇଥିଲା, ଯେଉଁଥିରେ ୪ଜଣଙ୍କର ମୃତ୍ୟୁ ଘଟିଛି। ତାମିଲନାଡୁରେ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ଘଟିଛି। ତେଲେଙ୍ଗାନା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ହରିୟାଣାରେ ମଧ୍ୟ ଦୁର୍ଘଟଣାରେ ଅନେକ ଲୋକଙ୍କର ମୃତ୍ୟୁ ଘଟିଛି।

ତାମିଲନାଡୁ ପୁଲିସ କହିଛି, ଦୁର୍ଘଟଣାର ଶିକାର ହୋଇଥିବା ଲୋକମାନେ ତାଞ୍ଜାଭର ଜିଲ୍ଲା ତିରୁକଜୁପାଲିରେ କୌଣସି ଏକ ସମାରୋହରେ ଯୋଗଦେଇ ଘରକୁ ଫେରୁଥିଲେ। ସେମାନେ ଅପରାହ୍ଣ ୪ଟାରେ ଏକ ଭୟଙ୍କର ଦୁର୍ଘଟଣାର ସାମ୍ନା କରିଥିଲେ। ଗାଡ଼ିର ଚାଳକ ନିୟନ୍ତ୍ରଣ ହରାଇଥିଲେ। ସେ ରାସ୍ତାକଡ଼ର ଡାହାଣ ପାର୍ଶ୍ୱରେ ଥିବା ଏକ ନିମଗଛରେ ଶକ୍ତ ଧକ୍କା ଦେଇଥିଲେ। କାରଟି ଦୁର୍ଘଟଣାର ଶିକାର ହେଲା ପରେ ଘଟଣାସ୍ଥଳରେ ୫ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୫ଜଣଙ୍କୁ ଗୁରୁତର ଅବସ୍ଥାରେ ମୁସିରି ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ଅନ୍ୟ ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଦୁର୍ଘଟଣାର ଶିକାର ହୋଇଥିବା ଲୋକେ ଏକ ଇଟାଭାଟିରେ କାମ କରୁଥିଲେ। ପୁଲିସ କହିଛି ମୃତକମାନେ ହେଲେ ତାଞ୍ଜାଭୁର ଜିଲ୍ଲା ମହାରାଜାପୁରମର ଏ ମଣିକାମ (୫୦), ଶକ୍ତିଭେଲ (୪୨), ଜି ମୁରୁଗାନ (୩୮), ଏ ରାଜେଶ (୩୫), ଜି ଶୁବ୍ରମଣୀ (୩୯). ସତନପ୍ପା ଏସ୍ ସାଙ୍ଗିଲି (୪୮), ଏସ୍ ପଭାଦାଇ (୫୦) ଏବଂ ଟି ସୀତାରମଣ (୧୯)। ମୃତଦେହଗୁଡ଼ିକ ପୋଷ୍ଟମର୍ଟମ ପାଇଁ ତିରୁଚିସ୍ଥିତ ମହାତ୍ମା ଗାନ୍ଧୀ ସ୍ମାରକୀ ସରକାରୀ ଡାକ୍ତରଖାନାକୁ ନିଆଯାଇଛି। ମୁଖ୍ୟମନ୍ତ୍ରୀ ସି ଜୋସେଫ ବିଜୟ ଗୁରୁତରମାନଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ମାମଲାର ତଦନ୍ତ କରୁଛି।

ପୁଣି ରତ୍ନ ଭଣ୍ଡାର ଗଣତିମଣତି

ପୁରୀ ୨୨।୧୧(ମହାଭାରତ):ଶ୍ରୀମନ୍ଦିର ବାହାର ଓ ଭିତର ରତ୍ନଭଣ୍ଡାର ବିଭିନ୍ନ ପର୍ଯ୍ୟାୟରେ ଗଣତି ମଣତି କରାଯାଇଥିଲା ।ମହାଧାର୍ମିକ କାର୍ତ୍ତିକ ମାସ ପାଇଁ ଶ୍ରୀମନ୍ଦିରରେ ନୀତି ବହୁଳତା କାରଣରୁ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରର ଅବଶିଷ୍ଟ ଗଣତି ମଣତି ବନ୍ଦ ରହିଥିଲା ତେବେ କାର୍ତ୍ତିକ ପୂର୍ଣ୍ଣମୀ ପରେ ପୁନର୍ବାର ନଭେମ୍ବର ୨୬ ଓ ୨୭ ତାରିଖରେ ଭିତର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ କରାଯିବ ।ରାଜ୍ୟ ସରକାରଙ୍କ ମାର୍ଗ ଦର୍ଶିକା ଆଧାରରେ ଏହି ଗଣତି ମଣତି କରାଯିବ ।ସେହି ଦୁଇ ଦିନ ଭକ୍ତ ବାହାର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପ । ଢ 1 କହିଛନ୍ତି ।ସେହିପରି ଆଜି ଜଣେ ସାଧାରଣ ଭକ୍ତ ପରି ବାବା ରାମଦେବ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି ।କାର୍ତ୍ତିକ ପୂର୍ଣ୍ଣମୀ ଦିନ ଭୋର ୪ ଟା ରେ ଶ୍ରୀମନ୍ଦିର ସିଂହଦ୍ୱାର ଖୋଲିବ ବୋଲି ସେ କହିଛନ୍ତି ।



ନଭେମ୍ବର ୨୪ ତାରିଖରେ କାର୍ତ୍ତିକ ପୂର୍ଣ୍ଣିମା ଏବଂ ୨୫ ତାରିଖରେ ଗୋଟିଏ ଦିନ ବ୍ୟବଧାନ ପରେ ୨୬ ଓ ୨୭ ତାରିଖରେ ଗଣତି କାର୍ଯ୍ୟ ହେବ। ରାଜ୍ୟ ସରକାରଙ୍କ ଅନୁମୋଦିତ ଏସ୍ଓପି ଅନୁସାରେ ଏବଂ ଅନୁମୋଦିତ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପାଦନ ହେବ। ଏହି ପ୍ରକ୍ରିୟାରେ ପାଳିଆ ସେବକ ଓ ବିଭିନ୍ନ ସେବକ ନିଯୋଗଙ୍କ ସହଯୋଗ ଲୋଡ଼ାଯାଇଛି। ଗଣତି ସମୟରେ ମଧ୍ୟ ଭକ୍ତମାନେ ପୂର୍ବଭଳି ବାହାର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଏଥିସହ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ପ୍ରଭାବିତ ନହୁଏ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ।

ବାଲିଯାତ୍ରା ଜଗିବେ ୭୦ ପ୍ଲାଟୁନ୍

କଟକ, ୨୨।୧୧(ମହାଭାରତ): ଦିନକ ପରେ କଟକ ଐତିହାସିକ ବାଲିଯାତ୍ରା। ଚଳିତବର୍ଷ ବାଲିଯାତ୍ରାରେ ଲକ୍ଷାଧିକ ଲୋକଙ୍କ ଭିଡ ଜମିବ। ତେଣୁ ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମେଳା ପରିସରର ସୁରକ୍ଷା ଦାୟିତ୍ୱରେ ୭୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ସହ ୪୦୦ ଅଫିସର ନିୟୋଜିତ ରହିବେ। ସୁରକ୍ଷା ଉପରେ ନଜର ରଖିବା ପାଇଁ ପଡିଆରେ ୩୮ ଟି ୱାଚ୍ ଟାୱାର ନିର୍ମାଣ କରାଯିବ। ଏଥିସହ ୧୨୦୦ ସିସି ଟିଭି କ୍ୟାମେରା, ୧୦୦ଟି ଏଆଇ କ୍ୟାମେରା ଜରିଆରେ ସମଗ୍ର ମେଳା ପଡିଆ ଉପରେ କଡା ନଜର ରଖାଯିବ। ଅନ୍ୟପଟେ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ମଧ୍ୟ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯିବ। ରାଷ୍ଟ୍ରପତି ଯେଉଁ ରାସ୍ତା ଦେଇ ଯାତାୟତ କରିବେ , ସେହି ରୁଟ୍ ରେ ସାଧା ପୋଷାକଧାରୀ ପୁଲିସ୍ ମୁତୟନ ହେବା ସହ ସ୍ୱତନ୍ତ୍ର ବ୍ୟାରିକେଟ୍ ବ୍ୟବସ୍ଥା କରାଯାଇଛି। ବାଲିଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଏବଂ ଭିଡ ମୁକ୍ତ କରିବା ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।



ମହାପ୍ରଭୁଙ୍କ ନାମରେ ସଂଶୋଧନ ହେଲା ୨୯ ପ୍ଲଟ୍‌ର ରେକର୍ଡ ଅଫ୍ ରାଇଟ୍ସ

ଭୁବନେଶ୍ୱର: ୨୨।୧୧(ମହାଭାରତ): ପୁରୀ ତହସିଲ ଅନ୍ତର୍ଗତ ବଡ଼ଦେଉଳ ସାହି ମୌଜାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତିର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ୧୯୯୭ ମସିହାରୁ ବିଚାରାଧୀନ ଥିବା ଏକ ଆବେଟମେଣ୍ଟ ମାମଲାର ନିଷ୍ପତ୍ତି କରାଯାଇ ଜମିର ରେକର୍ଡ ଅଫ୍ ରାଇଟ୍ସ ସଂଶୋଧନ କରାଯାଇଛି। ଏହାଦ୍ୱାରା ବ୍ୟକ୍ତିବିଶେଷଙ୍କ ନାମରେ ରେକର୍ଡଭୁକ୍ତ ଥିବା ମୋଟ ୦.୧୧୫ ଏକର ଜମିର ମାଲିକାନା ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ଶ୍ରୀକ୍ଷେତ୍ର ମାର୍ଫତ୍ ଶ୍ରୀମନ୍ଦିର ପରିଚାଳନା କମିଟି ପୁରୀ ନାମରେ ସଂଶୋଧିତ ହୋଇଛି।

ଏହି ପ୍ରକ୍ରିୟାରେ ମୋଟ ୧୯ଟି ଖାତା ଅନ୍ତର୍ଗତ ୨୯ଟି ପ୍ଲଟ୍‌ର ରେକର୍ଡ ସଂଶୋଧନ କରାଯାଇଛି। ଫଳରେ ଏହି ସମସ୍ତ ଜମିର ମାଲିକାନା ଆଉ କୌଣସି ବ୍ୟକ୍ତିବିଶେଷଙ୍କ ନାମରେ ନ ରହି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡଭୁକ୍ତ ହୋଇଛି। ପ୍ରକାଶ ଥାଉକି ଶ୍ରୀକ୍ଷେତ୍ରରେ କେବଳ ଶ୍ରୀମନ୍ଦିର ପାଇଁ "ବଡଦେଉଳ ସାହି" ନାମରେ ଏକ ମୌଜା ରହିଅଛି, ଯାହାକି ସମଗ୍ର ରାଜସ୍ୱ ପ୍ରଶାସନରେ ଅନନ୍ୟ। ପ୍ରକାଶ ଥାଉ କି, ରାଜସ୍ୱ ବିଭାଗରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଲ୍ୟାଣ୍ଡ ସେଲ୍ ଆରମ୍ଭ ହେବା ପରେ ମହାପ୍ରଭୁଙ୍କ ଭୂସମ୍ପତ୍ତିର ଚିହ୍ନଟ, ସୁରକ୍ଷା ଓ ପୁନରୁଦ୍ଧାର କାର୍ଯ୍ୟକୁ ଅଧିକ ଗତିଶୀଳ କରାଯାଇଛି। ଏହି ପଦକ୍ଷେପ ଫଳରେ ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ଜମିର ଅବୈଧ ଜବରଦଖଲ ହଟାଇବା ସହ ଜମିର ରେକର୍ଡ ମହାପ୍ରଭୁଙ୍କ ନାମକୁ ଫେରାଇ ଆଣିବା ଦିଗରେ ଉଲ୍ଲେଖନୀୟ ସଫଳତା ମିଳୁଛି ।ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଦିଗଦର୍ଶନ ତଥା ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ନିରନ୍ତର ଉଦ୍ୟମ ମାଧ୍ୟମରେ ମହାପ୍ରଭୁଙ୍କ ଭୂସମ୍ପତ୍ତିର ସୁରକ୍ଷା, ସଠିକ୍

‘ଫୁଲକୋବି ଖିରି’

ପରିବାରୁ ବି ହୋଇପାରେ ଖିରି। ଫୁଲକୋବି ସହାଯ୍ୟରେ ଆପଣ ଏହି ମିଠା ଖାଦ୍ୟଟି ପ୍ରସ୍ତୁତ କରିପାରିବେ। ତେବେ ଏହି ଖାଦ୍ୟଟି କେମିତି ପ୍ରସ୍ତୁତ କରାଯିବ ଜାଣନ୍ତୁ।

ଆବଶ୍ୟକ ସାମଗ୍ରୀ: କ୍ଷୀର, କାଜୁ, ପିସ୍ତା, କିସ୍ମିସ୍, ଫୁଲକୋବି, ଚିନି, ମିଳ୍କମେଡ୍ ଲୁଣ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଫୁଲକୋବିକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏବେ କଡେଇରେ ଘିଅ ଗରମ କରି କଟା କୋବିରେ ଲୁଣ ପକାଇ ଭାଜି ଦିଅନ୍ତୁ। ଏହାପରେ କଡେଇରେ କ୍ଷୀରକୁ ଫୁଟାଇ ସେଥିରେ ଚିନି ପକାନ୍ତୁ। କ୍ଷୀର ଭଲ ଭାବେ ଫୁଟିଯିବା ପରେ ସେଥିରେ ଫୁଲକୋବି ଭଜା ପକାନ୍ତୁ। ଏହାପରେ ଏଥିରେ ମିଳ୍କମେଡ୍, କାଜୁ, ପିସ୍ତା, କିସମିସ୍ ପକାଇ ୫ ରୁ ୧୦ ମିନିଟ୍ ଫୁଟାନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ‘ଫୁଲକୋବି ଖିରି’।



ଖବର

ଗୋଆରେ ପ୍ରଦର୍ଶିତ ହେଲା ଓଡ଼ିଆ ଚଳଚ୍ଚିତ୍ର ‘ବାଘୁଣୀ’,



ଓଡ଼ିଶାର ଏକ ଉପାନ୍ତ ଗାଁରେ ରହୁଥିବା ୧୧ ବର୍ଷର ଛୋଟ ଝିଅ ମିନିର ସଂଘର୍ଷ କାହାଣୀକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ର ‘ବାଘୁଣୀ’ ଆଜି ଗୋଆରେ ଚାଲିଥିବା ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ(ଇଫି)ରେ ପ୍ରଦର୍ଶିତ ହୋଇଛି। ମହୋତ୍ସବର ଗାଲା ପ୍ରିମିୟର ବିଭାଗରେ ‘ବାଘୁଣୀ’ର ଭବ୍ୟ ପ୍ରିମିୟର ଅନୁଷ୍ଠିତ ହୋଇଯାଇଛି। ଚଳଚ୍ଚିତ୍ରରେ ରହିଛି ଦୃଢ଼ମନା ଝିଅ ମିନିର କାହାଣୀ। ବାଘ ନାଚ ଦୀର୍ଘ ସମୟ ଧରି ପୁରୁଷ ପ୍ରଧାନ ପ୍ରଥା ଭାବେ ରହିଆସିଛି। ମିନି ଏହି ସାଂସ୍କୃତିକ ପରମ୍ପରାକୁ ନିଜ ସର୍ତ୍ତରେ ଆପଣାଇବାକୁ ଚାହୁଁଛି। କାରଣ ତା’ ପାଇଁ ଏହା କେବଳ ଗୋଟିଏ ନୃତ୍ୟ ନୁହେଁ, ବରଂ ସ୍ୱପ୍ନ ଦେଖିବା, ପୁରୁଣା ପ୍ରଥା ଓ ପରମ୍ପରା ବିରୋଧରେ ସ୍ୱର ଉତ୍ତୋଳନ କରିବା ଏବଂ ନିଜର ରୁଚି ପୂରଣ କରିବାର ସ୍ୱାଧୀନତା ହାସଲ କରିବା ଉପରେ ଆଧାରିତ। ସତ୍ୟ ଘଟଣା ଉପରେ ଆଧାରିତ ‘ବାଘୁଣୀ’ର ରଚନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଜାତୀୟ ପୁରସ୍କାର ବିଜୟୀ ଚଳଚ୍ଚିତ୍ର ନିର୍ମାତା ଜିତେନ୍ଦ୍ର ମିଶ୍ର। ଚଳଚ୍ଚିତ୍ରରେ ଏମିତି ଜଣେ ଛୋଟ ଝିଅର କାହାଣୀ ବର୍ଣ୍ଣିତ ହୋଇଛି ଯିଏ ସମାଜରେ ଗଭୀର ଭାବେ ରହିଥିବା ଲିଙ୍ଗଗତ ଭେଦଭାବ ବିରୋଧରେ ସ୍ୱର ଉତ୍ତୋଳନ କରିବା ଲାଗି ଦୃଢ଼ ସଂକଳ୍ପ ନେଇଛି। ଓଡ଼ିଶାର ଜୀବନ୍ତ ଲୋକ ପରମ୍ପରା ପୃଷ୍ଠଭୂମି ଉପରେ ନିର୍ମିତ ଏହି ଚଳଚ୍ଚିତ୍ର ଲିଙ୍ଗଗତ ବାଛବିଚାର, ସାମାଜିକ ହୀନମନ୍ୟତା, ସାଂସ୍କୃତିକ ପରିଚୟ ଏବଂ ଚିରାଚରିତ ନୀତିନିୟମ ଉପରେ ପ୍ରଶ୍ନ ଉଠାଇବାର ସାହସକୁ ଦର୍ଶାଇଥାଏ। ଏହି ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନିର୍ଦ୍ଦେଶକ ଜିତେନ୍ଦ୍ର ମିଶ୍ର ‘ବାଘୁଣୀ’କୁ ଏକ ଗଭୀର ବ୍ୟକ୍ତିଗତ ଉପଲବ୍ଧି ଭାବରେ ବର୍ଣ୍ଣନା କରିଛନ୍ତି । ପ୍ରାୟ ଦୁଇ ଦଶନ୍ଧି ଧରି ଚଳଚ୍ଚିତ୍ର ଶିଳ୍ପରେ ରହିବା ପରେ ଏହି ଚଳଚ୍ଚିତ୍ର ଜରିଆରେ ସେ ପ୍ରଥମ ଥର ନିର୍ଦ୍ଦେଶନା ଦୁନିଆରେ ପାଦ ଥାପିଛନ୍ତି। ଇଫି, ଏନଏଫଡିସି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ସହଯୋଗ ପାଇଁ ସେ କୃତଜ୍ଞତା ଜଣାଇଛନ୍ତି।

ଚକ୍ଷୁର ଯତ୍ନ



ଆଳୁରେ ପାଣି ଭାଗ ରହିବା ସହ ଭିଟାମିନ ସି ଓ ପୋଟାସିୟମ ଅଧିକ ପରିମାଣରେ ଥାଏ। ଏହାକୁ ନିୟମିତ ୧୦ ରୁ ୧୫ ମିନିଟ ଲଗାଇଲେ ଆଖି ପାଇଁ ଖୁବ ଲାଭଦାୟକ ଅଟେ। ଆଖିରେ ବିଶେଷ କରି ଆଖିର ତଳ ଭାଗରେ ଗୋଲାପ ଜଳକୁ ତୁଳା ସାହାଯ୍ୟରେ ବ୍ୟବହାର କରିବା ଦ୍ୱାରା ଆଖି କୁଣ୍ଡାଇ ହେବା, ଲାଲ ହେବା ଭଳି ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ। କାକୁଡ଼ିରେ ପର୍ଯ୍ୟାପ୍ତ ପରିମାଣରେ ପାଣି ଥାଏ। ଏହା ଆଖିର ଥକ୍କାପଣ ଦୂର କରିଥାଏ। ଆଖି ତଳର କଳା ଦାଗ ଦୂର କରିବା ସହ ଏହାର ସୌନ୍ଦର୍ଯ୍ୟ ବଢାଇଥାଏ। କାକୁଡ଼ିକୁ ଗୋଲ ଆକୃତିର ଦୁଇଫାଳ କାଟି ନିୟମତି ୧୫ ରୁ ୨୦ ମିନିଟ ଆଖି ଉପରେ ରଖନ୍ତୁ। ଆଖି ପାଇଁ ଏହା ଖୁବ ଲାଭଦାୟକ। ଲିଚୁ ଖାଇବା ପାଇଁ ଯେପରି ସ୍ୱାଦିଷ୍ଟ ଅଟେ। ସେପରି ଆଖି ପାଇଁ ମଧ୍ୟ ଲାଭଦାୟକ ଅଟେ। ଏଥିରେ ଥିବା ଆଣ୍ଟି-ଅକ୍ସାଇଡ ଆଖିର ଦାଗ ଦୂର କରିବା ସହ ଏହାର ଉଜ୍ଜ୍ୱଳତା ବଢାଇଥାଏ।ଏହାକୁ ଦୁଇଫାଳ କରି ଆଖିରେ ଲଗାଇ ୨୦ ରୁ ୩୦ ମିନିଟ ରଖିଲେ ଏହା ଆଖି ପାଇଁ ଖୁବ ଉପକାରୀ ହୋଇଥାଏ।

କଦଳୀ ବୃକ୍ଷକୁ କରନ୍ତୁ ପୂଜା।



ଗୁରୁବାର ଦିନ ଭଗବାନ ବିଷ୍ଣୁଙ୍କୁ ସମର୍ପିତ। ମାନ୍ୟତା ଅନୁଯାୟୀ ଗୁରୁବାର ଦିନ ଏପରି କାର୍ଯ୍ୟ ରହିଛି ଯାହାକୁ କରିବା ଅନୁଚିତ। ସେହି ବର୍ଜନୀୟ କାର୍ଯ୍ୟ କରିବା ଦ୍ୱାରା ଜାତକରେ ପ୍ରଭାବ ପଡ଼ିଥାଏ, ଯାହା ଦ୍ୱାରା ଜୀବନରେ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଜାଣନ୍ତୁ...

ମାନ୍ୟତା ଅନୁଯାୟୀ ଗୁରୁବାର ଦିନ ମହିଳା ନିଜ କେଶ ସଫା କରିବା ଉଚିତ ନୁହେଁ। କେଶ କାଟିବା ଉଚିତ ନୁହେଁ, ଏପରି କାର୍ଯ୍ୟ କରିବା ଦ୍ୱାରା ଜାତକରେ ବୃହସ୍ପତି ଦୁର୍ବଳ ହୋଇଥାଅ।ନ୍ତି, ଦାମ୍ପତ୍ୟ ଜୀବନରେ ସମସ୍ୟା ସୃଷ୍ଟି ହୋଇଥାଏ। ଘରର ଉନ୍ନତିରେ ବାଧା ସୃଷ୍ଟି ହୋଇଥାଏ।

ଗୁରୁବାର ଦିନ କଦଳୀ ଖାଇବା ଉଚିତ ନୁହେଁ। ଏହି ଦିନ କଦଳୀ ବୃକ୍ଷର ପୂଜାର୍ଚ୍ଚନା କରାଯାଇଥାଏ। ଏହାସହ ଏହି ଦିନ ଘରେ ଅଧିକ ଓଜନିଆ ବସ୍ତ୍ର ଧୁଅନ୍ତୁ ନାହିଁ। ପ୍ରତିଦିନ ଭଳି ଗୁରୁବାର ମଧ୍ୟ ଘରକୁ ସଫା କରନ୍ତୁ। ଗୁରୁବାର ଦିନ ନଖ କାଟନ୍ତୁ ନାହିଁ। ଦାଢି ମଧ୍ୟ ବନାନ୍ତୁ ନାହିଁ। ଏପରି କରିବା ଦ୍ୱାରା ଅଶୁଭ ଫଳ ପ୍ରାପ୍ତି ହୋଇଥାଏ। ଗୁରୁବାର ଦିନ କଦଳୀ ବୃକ୍ଷ ମୂଳରେ ଜଳ ଅର୍ପଣ କରନ୍ତୁ। ଦେଶୀ ଘିଅରେ ଦୀପ ଲଗାନ୍ତୁ। ଏପରି କରିବା ଦ୍ୱାରା ଶୀଘ୍ର ବିବାହ ହେବା ସହ ବିବାହରେ ଥିବା ସମସ୍ୟା ଦୂର ହୋଇଥାଏ। ବୃହସ୍ପତିଙ୍କୁ ହଳଦିଆ ରଙ୍ଗକୁ ଅତିପ୍ରିୟ। ସେ ହଳଦିଆ ରଙ୍ଗର ପାଟବସ୍ତ୍ର ଧାରଣ କରନ୍ତି। ପୂଜାରେ ହଳଦୀ ବ୍ୟବହାର କରନ୍ତୁ। କେସର ଚନ୍ଦନ ଓ ହଳଦୀ ଦାନ କରନ୍ତୁ। ଏହାଦ୍ୱାରା ଘରେ ସୁଖଶାନ୍ତି ସର୍ବଦା ରହିଥାଏ।

ନିଜ ଘରର ପରିବେଶକୁ ରଖନ୍ତୁ ସ୍ୱାସ୍ଥ୍ୟକର

ପ୍ରଦୂଷିତ ପରିବେଶ ଯୋଗୁ ଲୋକମାନେ ଅଧିକ ରୋଗର ଶିକାର ହେଉଛନ୍ତି। ଏଥିରୁ ମୁକ୍ତି ପାଇବା ପାଇଁ ନାନା ପ୍ରକାରର ଔଷଧ ମଧ୍ୟ ଖାଉଛନ୍ତି। ହେଲେ ଆପଣ ଜାଣିନଥିବେ ଯେ କେବଳ ବାହାରର ପ୍ରଦୂଷଣ ନୁହେଁ ବରଂ ଆପଣଙ୍କ ଘରର ଦୂଷିତ ବାତାବରଣ ବି ଆପଣଙ୍କୁ ରୋଗରେ ପକାଇପାରେ। ତେବେ ଆଜି ଆମେ ଆପଣଙ୍କୁ କିଛି ଟିପ୍ସ ଦେବୁ ଯାହାକୁ ଆପଣାଇ ଆପଣ ନିଜ ଘରକୁ ଏକ ସ୍ୱାସ୍ଥ୍ୟକର ବାତାବରଣ ଦେଇପାରିବେ। ଘରକୁ ସବୁଦିନ ଝାଡୁ ମାରନ୍ତୁ। ବିଶେଷ କରି ଘରର କୋଣ ଗୁଡ଼ିକୁ ଭଲଭାବେ ସଫା କରନ୍ତୁ। ପ୍ରତ୍ୟେକ ସପ୍ତାହରେ ଘର ଝାଡ ପୁଛି କରନ୍ତୁ। କାର୍ପେଟ୍, ପରଦା, ସୋଫା କଭର ସହ ଅନ୍ୟାନ୍ୟ କଭର ଗୁଡ଼ିକୁ ସପ୍ତାହରେ ଥରେ ସଫା କରନ୍ତୁ। ପ୍ରତ୍ୟେକ ଦିନ ବେଡସିଟ୍ ବଦଳାନ୍ତୁ ଓ ତାକୁ ଧୋଇଦିଅନ୍ତୁ। ବିଶେଷ କରି ଯଦି ଆପଣଙ୍କର ଗୃହପାଳିତ ପଶୁ ଅଛି ତାକୁ ଓ ତାର ବ୍ୟବହୃତ ଜିନିଷ ଗୁଡିକୁ ମଧ୍ୟ ସଫା ରଖନ୍ତୁ। ପ୍ରତ୍ୟେକ ଦିନ ପାଣିରେ ଆଣ୍ଟିସେପ୍ଟିକ ଲିକ୍ୟୁଇଡ୍ ପକାଇ ଘରର ଚଟାଣ ସଫା କରନ୍ତୁ।

ଭବାଥରୁମ ସଫା ରଖନ୍ତୁ: ବାଥରୁମକୁ ସବୁବେଳେ ସଫା ରଖନ୍ତୁ। ବାଥରୁମରେ ଏକ ଏକ୍ସଷ୍ଟ ଫ୍ୟାନ୍ ଲଗାନ୍ତୁ। ଏହା ଦ୍ୱାରା ବାଥରୁମରେ ଦୂଷିତ ବାୟୁ ଘର ଭିତରକୁ ପ୍ରବେଶ କରିପାରିବ ନାହିଁ। ଏଥିସହ ବାଥରୁମ୍ ଭିତରେ ଅଧିକ ସମୟ ରହିଲେ ମଧ୍ୟ ଅଣନିସ୍ୱାସୀ ଲାଗିବ ନାହିଁ।

ଭ ଘରେ ଧୂମପାନ କରନ୍ତୁ ନାହିଁ: ଧୂମପାନ ଶରୀର ପାଇଁ କେତେ ହାନିକାରକ ଏ କଥା ତ ସମସ୍ତେ ଜାଣନ୍ତି। ଆପଣ ଜାଣନ୍ତି କି ଧୂମପାନ କରୁଥିବା ବ୍ୟକ୍ତି ପାଇଁ ଏହା ଯେତେ କ୍ଷତି କରେ ଏହି ଧୂଆଁ ତାଙ୍କ ଆଖପାଖରେ ଥିବା ବ୍ୟକ୍ତିଙ୍କର ମଧ୍ୟ ସେତିକି କ୍ଷତି କରେ। ତମାଖୁର ଧୂଆଁ ଘରର ବାତାବରଣକୁ ଦୂଷିତ କରିଦିଏ। ଯାହାକି ଛୋଟପିଲାମାନଙ୍କ ପାଇଁ ବହୁତ କ୍ଷତିକାର।

ଭ ରୋଷେଇ ଘରେ ପରିବର୍ତ୍ତନ କରନ୍ତୁ: ରାନ୍ଧିବା ସମୟରେ, ରନ୍ଧନ ଧୂଆଁରୁ ମୁକ୍ତି ପାଇବା ପାଇଁ ଘରର ଝରକା ସବୁ ଖୋଲା ରଖନ୍ତୁ। ରୋଷେଇ ଘରେ ଏକଜିଷ୍ଟ ଫ୍ୟାନ୍ କିମ୍ବା ଚିମିନି ଲଗାନ୍ତୁ, ଏହା ଦୂଷିତ ବାୟୁକୁ ନିଷ୍କାସିତ କରିବ। ନିୟମିତ ରୋଷେଇ ଘରକୁ ସଫା କରନ୍ତୁ। ପରିବା ଚୋପା ଓ ଅଇଁଠାକୁ ଏଣେ ତେଣେ ନ ପକାଇ ଘୋଡ଼ଣୀ ଥିବା ଡଷ୍ଟବିନରେ ପକାନ୍ତୁ। ଆଉ ପ୍ରତ୍ୟେକ ଦିନ ଡଷ୍ଟବିନକୁ ଖାଲି କରନ୍ତୁ।

ଭ ଉତ୍କଟ ସୁଗନ୍ଧଯୁକ୍ତ ଦ୍ରବ୍ୟରୁ ଦୂରେଇ ରୁହନ୍ତୁ: ରୁମ୍ ଫ୍ରେସନର, କୀଟନାଶକ ପ୍ରତିରୋଧକ ଯେପରିକି ମଶାଧୂପ, ଅତର, ଅତ୍ୟଧିକ ବାସ୍ନା ହେଉଥିବା ଓ ଧୂଆଁ ବାହାରୁଥିବା ଧୂପ କାଠି ଫିନାଇଲ୍ ବ୍ୟବହାର କମ୍ କରନ୍ତୁ। ଏସବୁ ଆଲର୍ଜି କରିପାରେ ଓ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି କରିପାରେ।

ଭ ଇନଡୋର ପ୍ଲାଣ୍ଟ ରଖନ୍ତୁ: ଏକ ଗବେଷଣାରୁ ଜଣାପଡ଼ିଛି ଯେ, ବାୟୁକୁ ଶୁଦ୍ଧ କରିବାରେ ଇନଡୋର ପ୍ଲାଣ୍ଟଗୁଡ଼ିକର ବହୁତ ବଡ଼ ଭୂମିକା ରହିଛି। ଏକ ଅଧ୍ୟୟନରୁ ଜଣାପଡିଛି ଯେ ଏହି ପ୍ଲାଣ୍ଟଗୁଡ଼ିକ ଆମ ଘର ଭିତରୁ ବେନଜେନ, ଫର୍ମାଲଡିହାଇଡ୍, ଟ୍ରାଇକ୍ଲୋରେଥାଇଲନ୍, ଜାଇଲିନ୍, ଏବଂ ଆମୋନିୟା ଭଳି ବିଶାକ୍ତ ଗ୍ୟାସକୁ ବାହାର କରି କିଛି ଘରକୁ ବିଶୁଦ୍ଧ କରେ।



ଘର ସଜାଇବାର ଉପାୟ



ଘରର ବାତାବରଣ ସୁବବେଳେ କିପରି ସୁସ୍ଥ ରହିବ ତା’ ପାର୍ଇ କିଛି ନିର୍ଦ୍ଦିଷ୍ଟ ନିୟମ ମାନିବାକୁ ପଡ଼ିଥାଏ। କିନ୍ତୁ ହାଠାତ ଯେତେବେଳେ ଘରେ କେଯଣସି କାରଣ ନଥାଇ କଳହ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ ସେତେବେଳେ ଏହା ଚିନ୍ତାର ବିଷୟ ପାଲଟିଥାଏ।

ଯେତେ ଧନ ଉପାର୍ଜନ କଲେବି କେଉଁଆଡ଼େ ଆସି କେଉଁଆଡ଼େ ଚାଲିଯାଏ, ତାହା ଜଣାପଡ଼େ ନାହିଁ। କିନ୍ତୁ, ବାସ୍ତୁଶାସ୍ତ୍ରବିତଙ୍କ ମତରେ ଘରର ସକରାତ୍ମକ ଏବଂ ନକରାତ୍ମକ ଉଭୟ ମାହୋଲ ପାଇଁ ଘରର ଗୃହିଣୀ ମାନଙ୍କ ଅବଦାନ ବହୁତ ବେଶୀ। ଗୃହିଣୀ କରୁଥିବା ନିଜସ୍ୱ କର୍ମ ଉପରେ ମଧ୍ୟ ଘରର ମାହୋଲ ନିର୍ଭର କରିଥାଏ।

ଗୃହିଣୀ ସୂର୍ଯ୍ୟୋଦୟ ପୂର୍ବରୁ ବିଛଣା ଛାଡ଼ିବା ଉଚିତ। ବିଛଣା ଛାଡ଼ିବା ପରେ ସ୍ନାନ କରିବା ସହିତ ଘର ସଫା କରିବା ଉଚିତ। କିନ୍ତୁ ସୂର୍ଯ୍ୟୋଦୟ ପରେ ଯଦି ଏସବୁ କାମକୁ କରାଯାଏ ଘର ମଧ୍ୟରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

ସ୍ନାନ କରିବା ପରେ ଘରର ଗୃହିଣୀ ରୋଷେଇ ଘରକୁ ପ୍ରବେଶ କରି ରୋଷେଇ ଆରମ୍ଭ କରିବା ଉଚିତ। ଆମେ ନିତିଦିନଆ ଖାଦ୍ୟ ତିଆରି କରି ସାରିଲା ପରେ ସବୁଦିନ ସେହି ଖାଦ୍ୟକୁ ଭଗବାନଙ୍କ ପାଖରେ ଅର୍ପଣ କରିବା ଉଚିତ। ଏହାଦ୍ୱାରା ଘରେ ସବୁବେଳେ ସୁଖଶାନ୍ତି ବଜାୟ ରହିଥାଏ।

ଉହିଳାମାନେ ସାଧାରଣତଃ ସୂର୍ଯ୍ୟାସ୍ତ ପରେ କେଶ କୁଣ୍ଡାଇବା କଥା ନୁହେଁ। ଏମିତି କଳେ ମା’ ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାନ୍ତି। ଘରର ଧାନଧାନ୍ୟ ବୃଦ୍ଧି ହେବାର ବାଧା ସୃଷ୍ଟି ହୋଇଥାଏ। ଘରର ମହିଳାମାନେ ଯେତେ ଖୁସିରେ ରହିବେ ଘରର ମାହୋଲ ଏବଂ ବାତାବରଣ ମଧ୍ୟ ସେତେ ଅଧିକ ଭଲ ରହିବ। ଯେଉଁ ଘରର ମହିଳ । ସଦସ୍ୟ ମାନେ ଯେତେ ଅଧିକ ଝଗଡ଼ା ଏବଂ ପାଟିତୁଣ୍ଡ କରିଥାନ୍ତି ଏହା ଘରର ମାହୋଲକୁ ବିଗାଡ଼ିକା ସହିତ ଏକ ନକରାତ୍ମକ ବାତାବରଣ ଘରେ ସୃଷ୍ଟି କରିଥାଏ।

ନଗରନକ୍ସା
ମହାନଗରର ନିଜ ଭାଷା

ସୋମବାର, ୨୩ ନଭେମ୍ବର, ୨୦୨୬

କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ହୀରକ ଜୟନ୍ତୀ

ଭୁବନେଶ୍ୱର, ୨୨।୧୧ (ମହାଭାରତ): ଓଡ଼ିଶାର କୃଷି ବିକାଶ କ୍ଷେତ୍ରରେ ଯାନ୍ତ୍ରିକ ଓ ବୈଷୟିକ ଜ୍ଞାନକୌଶଳର ଗୁରୁତ୍ୱ ଅତ୍ୟନ୍ତ ଅଧିକ। କୃଷିକ୍ଷେତ୍ରରେ ଆଧୁନିକ ଯାନ୍ତ୍ରିକ ବିଦ୍ୟାର ପ୍ରୟୋଗ ମାଧ୍ୟମରେ କୃଷିକାର୍ଯ୍ୟକୁ ସୁଗମ, ଦକ୍ଷ, ବ୍ୟବସାୟଭିତ୍ତିକ ତଥା ଲାଭଜନକ କରିବାରେ କୃଷି ଇଞ୍ଜିନିୟରିଂର ଭୂମିକା ଅତୁଳନୀୟ। ଏହି ମହତ୍ ଉଦ୍ଦେଶ୍ୟକୁ ଆଗରେ ରଖି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଅଧୀନରେ ୧୯୬୬ ମସିହାରେ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପ୍ରତିଷ୍ଠା କାଳରୁ ଏହି ମହାବିଦ୍ୟାଳୟ କୃଷି ଯନ୍ତ୍ରପାତି, ମୃତ୍ତିକା ଓ ଜଳ ସଂରକ୍ଷଣ, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ, କୃଷି ସଂରଚନା, ସିଭିଲ୍ ଓ ପରିବେଶ ଇଞ୍ଜିନିୟରିଂ ତଥା ମେକାନିକାଲ୍ ଓ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଭଳି ବିଭିନ୍ନ କ୍ଷେତ୍ରରେ ଶିକ୍ଷା ଓ ଗବେଷଣାର ସୁଯୋଗ ସୃଷ ଇଞ୍ଜିନିୟରିଂ କରିଆସିଛି। ସମୟ ଓ ଆବଶ୍ୟକତାର ପରିବର୍ତ୍ତନ ସହିତ ଅକ୍ଷୟ ଶକ୍ତି ଏବଂ ଜଳସେଚନ ଓ ନିଷ୍କାସନ ଭଳି ନୂତନ କ୍ଷେତ୍ରରେ ମଧ୍ୟ ଏହାର ଶିକ୍ଷା ଓ ଗବେଷଣା ପରିସର ବ୍ୟାପକ ହୋଇଛି।



୨୦୨୬ ମସିହାରେ ଏହି ମହାବିଦ୍ୟାଳୟ ତାହାର ଗୌରବମୟ ୬୦ ବର୍ଷର ଯାତ୍ରା ପୂରଣ କରି ହୀରକ ଜୟନ୍ତୀ ପାଳନ କରୁଛି। ଏହା କେବଳ ଏକ ପ୍ରତିଷ୍ଠାନର ବାର୍ଷିକୀ ନୁହେଁ, ବରଂ ଓଡ଼ିଶାର କୃଷି ଯାନ୍ତ୍ରିକୀକରଣ, ବୈଷୟିକ ଶିକ୍ଷା, ଗବେଷଣା ଓ କୃଷକ ସେବା କ୍ଷେତ୍ରରେ ଛଅ ଦଶନ୍ଧିର ଅବିରତ ଅବଦାନର ଏକ ଗୌରବମୟ ଉତ୍ସବ। ବିଗତ ଷାଠିଏ ବର୍ଷ ମଧ୍ୟରେ ଏହି ମହାବିଦ୍ୟାଳୟରୁ ଅନେକ ସ୍ନାତକ, ସ୍ନାତକୋତ୍ତର ଓ ଗବେଷକ ଉତ୍ତୀର୍ଣ୍ଣ ହୋଇ ଦେଶବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ, ସରକାରୀ ବିଭାଗ ଓ ଶିଳ୍ପ ପ୍ରତିଷ୍ଠାନରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ ହୋଇ ନିଜର ଦକ୍ଷତା ଓ ପାରଦର୍ଶିତାର ପରିଚୟ ଦେଇଆସୁଛନ୍ତି। ଆଜିର ସମୟରେ କୃଷି ଯାନ୍ତ୍ରିକୀକରଣ, ଗବେଷଣା ଓ ନବସୃଜନକୁ ଛାତ୍ରଛାତ୍ରୀ ଗୁରୁତ୍ୱ ଦିଅନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଶିକ୍ଷାଦାନ ସହିତ ଗବେଷଣା, ନୂତନ ଯନ୍ତ୍ରପାତିର ଉଦ୍ଭାବନ, ବୈଷୟିକ ଜ୍ଞାନକୌଶଳର ବିକାଶ ଏବଂ ତାହାର କୃଷକସ୍ତରରେ ପ୍ରସାର ମାଧ୍ୟମରେ ସିଏଇଟି ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସିଏଇଟିର ହୀରକ ଜୟନ୍ତୀ (୧୯୬୬–୨୦୨୬) ଉତ୍ସବ ଅତ୍ୟନ୍ତ ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ଉଦ୍ଯାପିତ ହୋଇଯାଇଛି। ଏହି ଉଦ୍ଯାପନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ, ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡଃ) ପ୍ରଭାତ କୁମାର ରାଉଳ ଯୋଗଦାନ କରି ଉତ୍ସବର ଗାରିମା ବୃଦ୍ଧି କରିଥିଲେ। ଅତିଥିମାନେ ମହାବିଦ୍ୟାଳୟ ପରିସରରେ ନିର୍ମିତ ହୀରକ ଜୟନ୍ତୀ ସ୍ମାରକୀ ଉଦ୍‌ଘାଟନ କରିବା ସହିତ କୃଷି ଇଞ୍ଜିନିୟରିଂ କ୍ଷେତ୍ରର ନୂତନ ଉଦ୍ଭାବନ, ଯନ୍ତ୍ରପାତି ଓ ଆଧୁନିକ ଜ୍ଞାନକୌଶଳର ପ୍ରଦର୍ଶନୀ 'ଟେକ୍ନୋଲୋଜି ଏକ୍ସିବିସନ୍'କୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ କୃଷି ଯାନ୍ତ୍ରିକୀକରଣ, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ, ଜଳ ଓ ମୃତ୍ତିକା ସଂରକ୍ଷଣ, ଡ୍ରୋନ୍ ଓ ଅନ୍ୟାନ୍ୟ ଆଧୁନିକ କୃଷି ପ୍ରଯୁକ୍ତିର ବିଭିନ୍ନ ଦିଗ ପ୍ରଦର୍ଶିତ ହୋଇଥିଲା। ଏହାସହିତ ହୀରକ ଜୟନ୍ତୀ ଅବସରରେ ପ୍ରସ୍ତୁତ ସ୍ୱତନ୍ତ୍ର ସ୍ମରଣିକା 'କନଫ୍ଲୁଏନ୍ସ' ଅତିଥିମାନଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ଏହି ସ୍ମରଣିକାରେ ମହାବିଦ୍ୟାଳୟର ଐତିହ୍ୟ, ଉପଲବ୍ଧି, ଗବେଷଣା, ପ୍ରଯୁକ୍ତିଗତ ଅବଦାନ ଓ ପୁରାତନ ଛାତ୍ରଛାତ୍ରୀଙ୍କ ସ୍ମୃତିକୁ ସ୍ଥାନ ଦିଆଯାଇଛି।

ବନ୍ୟା ନିୟନ୍ତ୍ରଣ ରଣନୀତି ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୨।୧୧ (ମହାଭାରତ): ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି)ର ସତର୍କ ସୂଚନା ପରେ ସମ୍ଭାବ୍ୟ ବର୍ଷା ଓ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏଥିପାଇଁ ବନ୍ୟା ପରିଚାଳନା ରଣନୀତି, ଜଳଭଣ୍ଡାରଗୁଡ଼ିକର ସ୍ଥିତି ଏବଂ ଆବଶ୍ୟକ ଆଗୁଆ ପଦକ୍ଷେପ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ପ୍ଲାନିଂ ଓ ଡିଜାଇନିଂର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ସ୍କିମ୍ସ ଓ ମନିଟରିଂ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ଏଥିରେ ରଷିକୁଲ୍ୟା, ବାହୁଡ଼ା, ବଂଶଧାରା ଓ ନାଗାବଳୀ (ଆର୍ବିଭିଏନ୍) ଅବବାହିକାର ମୁଖ୍ୟ ଯନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଏବଂ ସମ୍ପୃକ୍ତ ଅଧୀକ୍ଷଣ ଯନ୍ତ୍ରୀମାନେ ଯୋଗ ଦେଇଥିଲେ। ବୈଠକରେ ସମ୍ଭାବ୍ୟ ବର୍ଷାର ପରିମାଣ, ଜଳଭଣ୍ଡାରଗୁଡ଼ିକର ଜଳସଂରକ୍ଷଣ ସ୍ଥିତି ଏବଂ ନଦୀ ଓ ଜଳଭଣ୍ଡାରରେ ଜଳପ୍ରବାହ ବୃଦ୍ଧି ପାଇଲେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ସ୍ଥିତିକୁ ଦୃଷ୍ଟିରେ ରଖି ବିଶେଷକରି ଗଞ୍ଜାମ ଜିଲ୍ଲାର ୮ଟି ଏବଂ ଗଜପତି ଜିଲ୍ଲାର ୨ଟି ମଧ୍ୟମ ଜଳଭଣ୍ଡାରରେ ବୃଦ୍ଧି ପାଇଥିବା ଜଳସଂରକ୍ଷଣ ପରିମାଣର ସମୀକ୍ଷା କରାଯାଇଥିଲା। ବର୍ତ୍ତମାନର ଜଳସ୍ତର ଓ ପାଣିପାଗ ବିଭାଗର ପରିବର୍ତ୍ତିତ ପୂର୍ବାନୁମାନକୁ ଆଧାର କରି ଆଗାମୀ ପାଣିପାଗଜନିତ ପରିସ୍ଥିତିର ମୁକାବିଲା ପାଇଁ ମାନକ କାର୍ଯ୍ୟପ୍ରଣାଳୀ (ଏସ୍ଓପି) ଚୂଡ଼ାନ୍ତ କରାଯାଇଥିଲା। ଏଥିସହ ଜଳସ୍ତର ଉପରେ ନିରନ୍ତର ନଜର ରଖିବା, ବିଭିନ୍ନ ଡିଭିଜନ ମଧ୍ୟରେ ସମନ୍ୱୟ ବଜାୟ ରଖିବା ଏବଂ ସମ୍ଭାବ୍ୟ ବନ୍ୟା ବିପଦକୁ ହ୍ରାସ କରିବା ପାଇଁ ଠିକ୍ ସମୟରେ ଆବଶ୍ୟକ ନିଷ୍ପତ୍ତି ନେବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ପୂର୍ବତଟ ରେଳପଥର ୧୦ ସ୍ଥାନରେ ପାର୍ସଲ୍ ସ୍କାନର କାର୍ଯ୍ୟକ୍ଷମ

ଭୁବନେଶ୍ୱର, ୨୨।୧୧ (ମହାଭାରତ): ରେଳପଥ ମାଧ୍ୟମରେ ପାର୍ସଲ୍ ପରିବହନକୁ ଅଧିକ ସୁରକ୍ଷିତ କରିବା ସହ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପୂର୍ବ ତଟ ରେଳପଥ ଏହାର ତିନୋଟି ମଣ୍ଡଳ ଅନ୍ତର୍ଗତ ୧୦ଟି ପ୍ରମୁଖ ପାର୍ସଲ୍ କାର୍ଯ୍ୟାଳୟରେ ଆଧୁନିକ ପାର୍ସଲ୍ ସ୍କାନର ମେସିନ୍ ସ୍ଥାପନ କରି କାର୍ଯ୍ୟକ୍ଷମ କରିଛି। ଏଥିମଧ୍ୟରୁ ଖୋର୍ଦ୍ଧା ରୋଡ୍ ମଣ୍ଡଳର ୫ଟି ସ୍ଥାନ, ସମ୍ବଲପୁର ମଣ୍ଡଳର ୪ଟି ସ୍ଥାନ ଏବଂ ରାୟଗଡ଼ା ମଣ୍ଡଳର ଗୋଟିଏ ସ୍ଥାନରେ ଏହି ସ୍କାନିଂ ସୁବିଧା ଉପଲବ୍ଧ ହୋଇଛି।

ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅନ୍ତର୍ଗତ ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ରୋଡ୍, କଟକ ଓ ବ୍ରହ୍ମପୁର ଠାରେ ଏହି ପାର୍ସଲ୍ ସ୍କାନର ମେସିନ୍ କାର୍ଯ୍ୟକ୍ଷମ ହୋଇଛି। ସେହିପରି ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ସମ୍ବଲପୁର, ଟିଟିଲାଗଡ଼, ବଲାଙ୍ଗୀର ଓ କଣ୍ଟାବାଞ୍ଜି ଠାରେ ଏହି ସୁବିଧା ଆରମ୍ଭ ହୋଇଥିବାବେଳେ ରାୟଗଡ଼ା ମଣ୍ଡଳ ଅନ୍ତର୍ଗତ ରାୟଗଡ଼ା ଷ୍ଟେସନ ଠାରେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇଛି। ଏହାବ୍ୟତୀତ ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ କେସିଙ୍গା ଓ ବରଗଡ଼ ରୋଡ୍ ଷ୍ଟେସନରେ ପାର୍ସଲ୍ ସ୍କାନର ମେସିନ୍ ସ୍ଥାପନ କାର୍ଯ୍ୟ ଜାରି ରହିଛି। ଏହି ଆଧୁନିକ ପାର୍ସଲ୍ ସ୍କାନର ମେସିନ୍ ଗୁଡ଼ିକ ହେଉଛି ଉନ୍ନତ ସୁରକ୍ଷା ଯାଂଚ ବ୍ୟବସ୍ଥା, ଯାହା ଟ୍ରେନ୍ ରେ ଲୋଡ୍ କରିବା ପୂର୍ବରୁ ବୁକ୍ କରାଯାଇଥିବା ପାର୍ସଲ୍ ଓ ପ୍ୟାକେଟ୍ ଗୁଡ଼ିକର ଯାଂଚ କରିବାରେ ସହାୟକ ହେବ। ଏହା ମାଧ୍ୟମରେ ଜ୍ୱଳନଶୀଳ ଓ ଅଗ୍ନି ବିପଦ ସୃଷ୍ଟିକାରୀ ସାମଗ୍ରୀ, ବାଣ, ବିସ୍ଫୋରକ, ବିନା ଅନୁମତିରେ ପରିବହନ କରାଯାଉଥିବା ସାମଗ୍ରୀ ଏବଂ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ଚିହ୍ନଟ କରିବା ସମ୍ଭବ ହେବ। ଏହାଦ୍ୱାରା ରେଳପଥର ପାର୍ସଲ୍ ପରିବହନ ବ୍ୟବସ୍ଥାରେ ସୁରକ୍ଷା ଆହୁରି ସୁଦୃଢ଼ ହେବ। ଏହି ସ୍କାନିଂ ସୁବିଧାର ପ୍ରଚଳନ ଦ୍ୱାରା ରେଳ ନେଟୱର୍କ ମାଧ୍ୟମରେ ବିପଜ୍ଜନକ ଓ ନିଷିଦ୍ଧ ସାମଗ୍ରୀ ପରିବହନକୁ ରୋକାଯାଇପାରିବ। ଏଥିସହ ବୁକ୍ ହୋଇଥିବା ପାର୍ସଲ୍ ଗୁଡ଼ିକର ଉପଯୁକ୍ତ ଯାଂଚ, ସୁରକ୍ଷା ଯାଂଚ ବ୍ୟବସ୍ଥାରେ ଉନ୍ନତି ଏବଂ ଅଧିକ ସୁରକ୍ଷିତ ପାର୍ସଲ୍ ପରିଚାଳନା ସୁନିଶ୍ଚିତ କରିବାରେ ଏହା ରେଳ କର୍ମଚାରୀମାନଙ୍କୁ ସହାୟତା କରିବ।

୩ ପର୍ଯ୍ୟଟନସ୍ଥଳୀରେ ଇକୋ ରିଟ୍ରିଟ୍ ଉଦଘାଟିତ

ଭୁବନେଶ୍ୱର, ୨୨।୧୧ (ମହାଭାରତ): ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ସୋମବାର ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନରୁ ଆଭାସୀ ମାଧ୍ୟମରେ 'ଇକୋ ରିଟ୍ରିଟ୍ ୨୦୨୬'ର ଶୁଭାରମ୍ଭ କରିଛନ୍ତି। ଏଥିସହ ରାଜ୍ୟର ତିନୋଟି ମନୋରମ ପର୍ଯ୍ୟଟନ ସ୍ଥଳୀ ସାତକୋଶିଆ, ଦାରିଙ୍ଗବାଡ଼ି ଏବଂ ହୀରାକୁଦଠାରେ ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି। ପର୍ଯ୍ୟଟକମାନଙ୍କ ପାଇଁ ସ୍ମରଣୀୟ ଅନୁଭୂତି ସୃଷ୍ଟି କରିବାର ଗୁରୁତ୍ୱ ଉପରେ ଆଲୋକପାତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, "ପର୍ଯ୍ୟଟକମାନେ କୌଣସି ସ୍ଥାନକୁ ବୁଲିବାକୁ ଆସିଲେ କେବଳ ସେହି ସ୍ଥାନକୁ ଦେଖନ୍ତି ନାହିଁ, ବରଂ ସେଠାରୁ ମିଳିଥିବା ଅନୁଭୂତିକୁ ସାଙ୍ଗରେ ନେଇ ଫେରନ୍ତି।' ତେଣୁ ପ୍ରତ୍ୟେକ ଆଗନ୍ତୁକଙ୍କ ପାଇଁ ଅନନ୍ୟ, ସମୃଦ୍ଧ ଏବଂ ସ୍ମରଣୀୟ ଅନୁଭୂତି ସୃଷ୍ଟି କରିବା ଉପରେ ଆମର ଧ୍ୟାନ ରହିବା ଉଚିତ ବୋଲି ସେ ସମସ୍ତ ଜିଲ୍ଲା ର ପର୍ଯ୍ୟଟନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶାର ପର୍ଯ୍ୟଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାର, ଘରୋଇ ଅଂଶୀଦାର ଏବଂ ସ୍ଥାନୀୟ ଗୋଷ୍ଠୀଙ୍କ ମଧ୍ୟରେ ଏକ ମିଳିତ ପ୍ରୟାସ ଅତ୍ୟନ୍ତ ଜରୁରୀ, ବୋଲି ଉପମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି।



ପର୍ଯ୍ୟଟନ ବିଭାଗର ଏକ ପ୍ରମୁଖ କାର୍ଯ୍ୟକ୍ରମ ଭାବେ 'ଇକୋ ରିଟ୍ରିଟ୍' ପ୍ରକୃତି, ବିଳାସପୂର୍ଣ୍ଣ ଆତିଥ୍ୟ ଏବଂ ଅନୁଭୂତିଭିତ୍ତିକ ପର୍ଯ୍ୟଟନର ଏକ ଅନନ୍ୟ ସମନ୍ୱୟ ପ୍ରଦାନ କରେ।ଏହା ପର୍ଯ୍ୟଟକମାନଙ୍କୁ ପ୍ରାକୃତିକ ପରିବେଶ ମଧ୍ୟରେ ବିଳାସପୂର୍ଣ୍ଣ ତମ୍ବୁରେ ରହିବାର ସୁଯୋଗ ଦେବା ସହ ଦୁଃସାହସିକ କ୍ରୀଡ଼ା, ସ୍ଥାନୀୟ ଖାଦ୍ୟ ଏବଂ ଆଂଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବାର ସୁଯୋଗ ଦେଇଥାଏ। ଚଳିତ ବର୍ଷର ସଂସ୍କରଣର ଏକ ମୁଖ୍ୟ ବୈଶିଷ୍ଟ୍ୟ ହେଉଛି 'ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ମଡେଲ'ର କାର୍ଯ୍ୟକାରୀତା, ଯାହା ଘରୋଇ କ୍ଷେତ୍ରର ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ସହ ବୃତ୍ତିଗତ ପରିଚାଳନା ସୁନିଶ୍ଚିତ କରିବ। ଏହି ବ୍ୟବସ୍ଥା ଅଧୀନରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଇକୋ ରିଟ୍ରିଟ୍ ସୁବିଧା ସ୍ଥାପନ ଓ ପରିଚାଳନା ପାଇଁ ମନୋନୀତ ଇଭେଂଟ ମ୍ୟାନେଜମେଂଟ ଏଜେନ୍ସିଗୁଡ଼ିକୁ ଆବଶ୍ୟକୀୟ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ତିନୋଟି ସ୍ଥାନରେ ମୋଟ ୧୨୫ଟି ବିଳାସପୂର୍ଣ୍ଣ ତମ୍ବୁ ବ୍ୟବସ୍ଥା କରିବାକୁ ଯୋଜନା କରାଯାଇଛି। ସେଥିମଧ୍ୟରୁ ଦାରିଙ୍ଗବାଡ଼ିରେ ୨୫ଟି, ହୀରାକୁଦରେ ୫୦ଟି ଏବଂ ସାତକୋଶିଆରେ ୫୦ଟି ତମ୍ବୁ ସ୍ଥାପନ କରାଯିବ। ଦାରିଙ୍ଗବାଡ଼ି ଏବଂ ସାତକୋଶିଆରେ ଏହି ସୁବିଧା ସର୍ବନିମ୍ନ ୧୫୦ ଦିନ ପାଇଁ କାର୍ଯ୍ୟକ୍ଷମ ରହିବାକୁ ଥିବାବେଳେ ହୀରାକୁଦରେ ଏହା ସର୍ବନିମ୍ନ ୧୨୦ ଦିନ ପାଇଁ ଖୋଲା ରହିବ। ଏହି ପଦକ୍ଷେପ ଦ୍ୱାରା ସ୍ଥାୟୀ ପର୍ଯ୍ୟଟନର ପ୍ରସାର ହେବା ସହ ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଉଦ୍ୟୋଗିତାକୁ ପ୍ରୋତ୍ସାହନ ମିଳିବ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ପର୍ଯ୍ୟଟନ ସମ୍ଭାବନାର ପରିଚୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଉଦ୍‌ଘାଟନୀ ଉତ୍ସବରେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବଳୱନ୍ତ ସିଂହ, ପର୍ଯ୍ୟଟନ ନିର୍ଦ୍ଦେଶକ ଶ୍ରୀ ଦୀପଙ୍କର ମହାପାତ୍ରଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଏବଂ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଜିଲ୍ଲା ପର୍ଯ୍ୟଟନ ଅଧିକାରୀମାନେ ଯୋଗ ଦେଇଥିଲେ। 'ଇକୋ ରିଟ୍ରିଟ୍ ୨୦୨୬–୨୭'ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ନିଜର ଅଂଶଗ୍ରହଣ ଜଣାଇ କନ୍ଧମାଳ, କଟକ ଏବଂ କୋରାପୁଟ ଜିଲ୍ଲାର ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିମାନେ ମଧ୍ୟ ଆଭାସୀ ମାଧ୍ୟମରେ ଏଥିରେ ସାମିଲ ହୋଇଥିଲେ। 'ଇକୋ ରିଟ୍ରିଟ୍ ୨୦୨୬–୨୭' ମାଧ୍ୟମରେ ପର୍ଯ୍ୟଟନ ବିଭାଗ ଓଡ଼ିଶାକୁ କେବଳ ଏକ ଭ୍ରମଣ ସ୍ଥଳୀ ଭାବେ ନୁହେଁ, ବରଂ ରାଜ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ, ସଂସ୍କୃତି ଏବଂ ଆତିଥ୍ୟ ସହ ପର୍ଯ୍ୟଟକଙ୍କୁ ଯୋଡୁଥିବା ଏକ ଅନନ୍ୟ ଅନୁଭୂତିର କେନ୍ଦ୍ର ଭାବେ ଉପସ୍ଥାପିତ କରିବାକୁ ଲକ୍ଷ୍ୟ ରଖିଛି।

ଆଇଆଇଟିଏଫ୍‌ରେ ଓଡ଼ିଶା ପାଭିଲିୟନକୁ ବ୍ୟାପକ ପ୍ରଶଂସା

ଭୁବନେଶ୍ୱର, ୨୨।୧୧ (ମହାଭାରତ): ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ରେ ଆୟୋଜିତ ୪୫ତମ ଭାରତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳା (ଆଇଆଇଟିଏଫ୍)-୨୦୨୬ ର ହଲ୍-୩ରେ ଥିବା ଓଡ଼ିଶା ପାଭିଲିୟନ୍?କୁ ଦର୍ଶକଙ୍କ ଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳୁଛି। ବିଭିନ୍ନ ରାଜ୍ୟର ବିଶିଷ୍ଟ ବ୍ୟକ୍ତିବିଶେଷ, ବରିଷ୍ଠ ଅଧିକାରୀ ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦର୍ଶକମାନେ ଏହି ପାଭିଲିୟନ୍ ପରିଦର୍ଶନ କରୁଛନ୍ତି। ଏଠାରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ପାରମ୍ପରିକ କାରୁକାର୍ଯ୍ୟ ଏବଂ ଉଦୀୟମାନ ଅର୍ଥନୈତିକ ସମ୍ଭାବନାକୁ ଯେଉଁଭଳି ଭାବେ ଉପସ୍ଥାପନ କରାଯାଇଛି, ତାହା ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହେଉଛି। ଏଠାରେ ପ୍ରଦର୍ଶିତ ବିଭିନ୍ନ ପ୍ରକାରର ସାମଗ୍ରୀ, ପାରମ୍ପରିକ ପୋଷାକ ଏବଂ ହସ୍ତଶିଳ୍ପ ସମେତ ବିଭିନ୍ନ ପ୍ରକାରର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି। ଓରମାସ୍ ଦ୍ୱାରା କଇଁଚ ଘାସ କାରିଗରୀ, ମସଲା, ଆଚାର, କୟର କାରିଗରୀ ଏବଂ ଅନ୍ୟାନ୍ୟ ମୂଲ୍ୟଯୁକ୍ତ ଗ୍ରାମୀଣ ଉତ୍ପାଦ ପ୍ରଦର୍ଶିତ ହେଉଛି । ଗୋଣ୍ଡ ଏବଂ ଲାଞ୍ଜିଆ ସାଓରା ଚିତ୍ରକଳା, ସ୍ୱତନ୍ତ୍ର ଡୋଙ୍ଗାରିଆ କୋନ୍ଧ ଶାଲ, କ୍ଷୁଦ୍ର ବନ ଉତ୍ପାଦ ଏବଂ କୋରାପୁଟ କଫି ମାଧ୍ୟମରେ ଜନଜାତି ଐତିହ୍ୟର ପ୍ରତିନିଧିତ୍ୱ କରାଯାଇଛି। ଏହି ପାଭିଲିୟନ୍ ରେ ସମ୍ବଲପୁରୀ ବସ୍ତ୍ର, ସୂତା, ଟସର ଓ ରେଶମ ସାମଗ୍ରୀ, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ କଳା, ରୌପ୍ୟ ତାରକସି (ଫିଲିଗ୍ରା), ଡୋକ୍ରା ଶିଳ୍ପ, ପଥର ଓ କାଠ ଖୋଦେଇ କଳା ଏବଂ ଆପ୍ଲିକ୍ (ଚାନ୍ଦୁଆ) କାରୁକାର୍ଯ୍ୟ ଭଳି ଓଡ଼ିଶାର ସୁପ୍ରସିଦ୍ଧ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ପରମ୍ପରା ପ୍ରଦର୍ଶିତ ହୋଇଛି।

ସଂପ୍ରସାରଣ ହେବ ଲିଙ୍ଗରାଜ ମନ୍ଦିରଠାରୁ ମାଉସୀ ମା'ଛକ ରାସ୍ତା

ଭୁବନେଶ୍ୱର, ୨୨।୧୧ (ମହାଭାରତ): ଲିଙ୍ଗରାଜ ମନ୍ଦିରଠାରୁ ମାଉସୀ ମା ଛକ ପର୍ଯ୍ୟନ୍ତ ରାସ୍ତାକୁ ଆର ଆଣ୍ଡ ବି ଦ୍ୱାରା ସମ୍ପ୍ରସାରଣ କରାଯିବ। ତେଣୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଉଠା ଦୋକାନକୁ ଉଚ୍ଛେଦ କରିବା ପାଇଁ ବିଏମସି ପକ୍ଷରୁ ୫ ଦିନିଆ ନୋଟିସ ଜାରି କରାଯାଇ

ସରକାରଙ୍କ ଯୋଜନା ବାଟବଣା

ନିପଟ ମଫସଲ, ଆଦିବାସୀ ବହୁ ଗ୍ରାମକୁ ଗଲେ ଆବାସ ଯୋଜନାର ବିଫଳତା ସ୍ପଷ୍ଟ ବାରି ହୋଇପଡ଼ିବ। କେବଳ କେନ୍ଦ୍ର ସରକାର ନୁହଁନ୍ତି, ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି। କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ। ଶାସକ ଓ ବିରୋଧୀ ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି। କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି। ଅତୀତରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଥିଲେ। କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା। କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚତ ହୋଇଛନ୍ତି। ଦୁର୍ନୀତ ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି। ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି। ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ। ଯୋଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି। କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି। କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ। ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା। ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ। ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା। ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ। ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ। ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଶ ସହାୟକ ହେଉଛି। କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ। ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି। ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି। ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ହିତାଧିକାରୀ ଚୟନରେ ସ୍ୱଚ୍ଛତା ଜରୁରୀ। ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି। ଏହାର କାର୍ଯ୍ୟକାରୀତା ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ପଡ଼ିବ। ଏକଥା ସତ ଯେ, ଦେଶରେ ଲୋକସଂଖ୍ୟା ବଢୁଛି ଏବଂ ପ୍ରତିବର୍ଷ ନୂଆ ପରିବାର ସୃଷ୍ଟି ହେଉଛି। ତେଣୁ ଗୋଟିଏ ପରିବାରକୁ ଆଜି ଗୋଟିଏ ଘର ଯୋଗାଇ ଦେଲେ ସେହି ପରିବାର ସବୁଦିନ ଉପକୃତ ହେବନି। କାଲି ପିଲାମାନେ ବଡ଼ ହୋଇ ନିଜର ସ୍ୱତନ୍ତ୍ର ପରିବାର କଲେ ସେମାନଙ୍କ ପାଇଁ ମଧ୍ୟ ନୂଆ ଘର ଆବଶ୍ୟକ।

ମଧୁମେହରେ ଅବହେଳା ନେଇପାରେ ଜୀବନ !

॥ ଡଃ ମହମ୍ମଦ ଇମ୍ରାନ୍ ଅଲୀ ॥

ସେହିପରି ଅପରାଜିତା (ଛଦ୍ମନାମ)ଙ୍କ କାହାଣୀ ମଧ୍ୟ ଖୁବ୍ ଶିକ୍ଷଣୀୟ ଏବଂ ବେଦନାଦାୟକ। ଅପରାଜିତା ଏକ କଲେଜ ପଢୁଆ ଝିଅ। କିଛି ବର୍ଷ ପୂର୍ବରୁ ତାଙ୍କର ମଧୁମେହ ବା ଡାଇବେଟିସ୍ ଚିହ୍ନଟ ହେଲା। ନିୟମିତ ଔଷଧ ସେବନ କରିବା ସହିତ ସୁସ୍ଥ ଥାଆନ୍ତି ଅପରାଜିତା। ସେ ଏକ ଅବିବାହିତ ଝିଅ ହୋଇଥିବାରୁ ପରିବାରର ଲୋକେ ଖୁବ୍ ଚିନ୍ତିତ ହେଲେ ଏବଂ ସ୍ଥିର କଲେ ଯେ, ଅପରାଜିତାଙ୍କର ଡାଇବେଟିସ୍ ବିଷୟରେ କାହା ସହିତ ଆଲୋଚନା କରିବେ ନାହିଁ। ଏହାରି ଭିତରେ ଅପରାଜିତାଙ୍କର ବିବାହ ଠିକ୍ ହେଲା। କିନ୍ତୁ ଶ୍ୱଶୁରଘର ଲୋକଙ୍କୁ ତାଙ୍କ ମଧୁମେହ ବିଷୟରେ ଜଣାଇବାକୁ ପରିବାରର ଲୋକ ଡରିଲେ। ଏହି ବିବାହରେ ଝିଅ, ପୁଅ ଉଭୟ ପରସ୍ପରକୁ ସ୍ୱୀକାର କରୁଥିଲେ ସେଥିପାଇଁ ପୁଅ ମଧ୍ୟ ଏହି ରୋଗ ବିଷୟରେ ଗୁପ୍ତ ରଖିବା ପାଇଁ ରାଜି ହେଲେ। ବିବାହର କିଛିଦିନ ପୂର୍ବରୁ ଔଷଧ ଖାଇବା ବନ୍ଦ କରିବା ସହିତ ବିଭିନ୍ନ ପ୍ରକାରର ତେଲବିଶିଷ୍ଟ ଗରିଷ୍ଠ ଖାଦ୍ୟ ଖାଇବାରେ ଲାଗିଲେ ଅପରାଜିତା। ଏବଂ ବିବାହ ପରେ ମଧ୍ୟ ନା ଔଷଧ ସେବନ କଲେ ନା ଖାଦ୍ୟରେ ରହିଲା ନିୟନ୍ତ୍ରଣ। ପରିଣାମସ୍ୱରୂପ ଦେହ ଖରାପ ହୋଇ ଡାକ୍ତରଖାନା ଆସିଲେ ଅପରାଜିତା। ବର୍ତ୍ତମାନ ଡାକ୍ତର ବଟିକା ପରିବର୍ତ୍ତେ ଦିନକୁ ଦୁଇଥର ଇନ୍‌ସୁଲିନ୍ ଦେବା ପାଇଁ ପରାମର୍ଶ ଦେଲେ।

***ଏଠି କହି ରଖିବା ପାଇଁ ଚାହୁଁଛି ଯେ, ମଧୁମେହ ରୋଗ କେବେ ଲିଙ୍ଗଗତ ଭେଦଭାବ ବୁଝେନାହିଁ ମାତ୍ର ସମାଜରେ ଥିବା ଲିଙ୍ଗଗତ ଭେଦଭାବ ଆଜି ବି ଜଣେ ଝିଅ ବା ନାରୀକୁ ରୋଗ ଚିକିତ୍ସାରେ ଅନେକ ବାଧା ତିଆରି କରୁଛି। ଏକ ଡାଇବେଟିସ୍ କ୍ଲିନିକ୍‌ରେ କାର୍ଯ୍ୟରତ ପରାମର୍ଶଦାତାଙ୍କ କହିବା ଅନୁଯାୟୀ ଅନେକ ଗାଁରେ ଏବେବି ଡାଇବେଟିସ୍ ସମ୍ବନ୍ଧରେ ମିଥ୍ୟା ଧାରଣା ପ୍ରଚଳିତ ଅଛି। କିଛି ଦିନର ଔଷଧ ସେବନ ପରେ ରୋଗୀ ଭାବନ୍ତି ଯେ, ମଧୁମେହ ଭଲ ହୋଇଗଲା ଏବଂ ନିଜେ ନିଜେ ଔଷଧ ସେବନ ବନ୍ଦ କରିଦିଅନ୍ତି। ଏଥିପାଇଁ ରୋଗ ଆହୁରି ବଢ଼ିଯାଏ ଏପରିକି ଗୋଡ଼ରେ ଘା' ହେବା ସହିତ କିଡ଼ନୀ ରୋଗ, ହୃଦ୍‌ରୋଗ ଏବଂ ଆଖି ନଷ୍ଟ ହେବାର ମଧ୍ୟ ଦେଖା ଯାଉଅଛି। ଆଉ କିଛି ରୋଗୀ ଗାଁରେ ଥିବା କ୍ୱାକ୍ ଠାରୁ ଚିକିତ୍ସା କରାଇ ଅନେକ ଅସୁବିଧାର ସମ୍ମୁଖୀନ ହୁଅନ୍ତି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରନ୍ତି। ସେହିପରି କିଛି ରୋଗୀ ନିଜେ ବ୍ୟବହାର କରୁଥିବା ମଧୁମେହ ରୋଗର ଔଷଧକୁ ଅନ୍ୟ ଏକ ରୋଗୀଙ୍କୁ ଖାଇବାକୁ ମଧ୍ୟ ଦେଇଥାନ୍ତି। ଏହା ଫଳରେ ଉକ୍ତ ରୋଗୀ ଅନେକ ସମସ୍ୟାରେ ପଡ଼ିବାର ସମ୍ଭାବନା ଯଥେଷ୍ଟ ଅଧିକ ରହିଛି। ଅନେକ ରୋଗୀ ୟୁ-ଟ୍ୟୁବ୍ ଦେଖି ନିଜେ ନିଜେ ଔଷଧ ସେବନ କରି ମଧ୍ୟ ହଇରାଣ ହେବାର ମଧ୍ୟ ନଜିର ସାମ୍ନାକୁ ଆସୁଛି। ସେହିପରି ଅନେକ ରୋଗୀ ଔଷଧ ସେବନ ନିୟମିତ କଲା ପରେ ଭାବନ୍ତି ତାଙ୍କୁ ଆଉ ଔଷଧ ଖାଇବାର ଆବଶ୍ୟକତା ନାହିଁ। ଯାହା ଫଳରେ, ତାଙ୍କର ମଧୁମେହ ବହୁତ ବଢ଼ିଯାଏ। ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ପ୍ରସିଦ୍ଧ ଡାଇବେଟିସ୍ ରୋଗ ବିଶେଷଜ୍ଞ ଡ. ଅଭୟ କୁମାର ସାହୁ କହିଛନ୍ତି ଯେ, ଡାଇବେଟିସ୍ ନିୟନ୍ତ୍ରଣରେ ଔଷଧର ପଚିଶ ପ୍ରତିଶତ ଭୂମିକା ଥିବାବେଳେ ଖାଦ୍ୟ ପରିବର୍ତ୍ତନ ତଥା ନିୟନ୍ତ୍ରଣ ଏବଂ ବ୍ୟାୟାମର ପଞ୍ଚସ୍ତରୀ ପ୍ରତିଶତ ଭୂମିକା ରହିଛି। ସେହିଭଳି ବର୍ତ୍ତମାନ ଡାଇବେଟିସ୍ ଚିକିତ୍ସା ବିଷୟରେ ଅନେକ ମିଛ ଏବଂ ଅବୈଜ୍ଞାନିକ କଥା ହ୍ୱାଟ୍‌ସଆପ୍‌ରେ ଘୂରି ବୁଲୁଛି। ଡ. ଅଭୟ କୁହନ୍ତି, ଡାଇବେଟିସ୍ ଚିକିତ୍ସାରେ ହ୍ୱାଟ୍‌ସଆପ୍ ଜ୍ଞାନ ଉପରେ ଭରସା ନକରି ବରଂ ବିଶେଷଜ୍ଞଙ୍କର ପରାମର୍ଶ ଅନୁଯାୟୀ ଚିକିତ୍ସା କରାଇଲେ ଜଣେ ମଧୁମେହ ରୋଗୀ ସୁସ୍ଥ ଜୀବନ ଯାପନ କରିପାରିବ।ଶେଷକଥା, ଡାଇବେଟିସ୍ ପ୍ରତି ସଜାଗ ହୋଇ ନିୟମିତ ବ୍ୟାୟାମ କରିବା ସହିତ ଡାକ୍ତରୀ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବା, ଖାଦ୍ୟ ଖାଇବାରେ ଡାକ୍ତରଙ୍କର ପରାମର୍ଶକୁ ଅକ୍ଷରେ ଅକ୍ଷରେ ପାଳନ କରିବା ସହିତ ଚିନ୍ତାମୁକ୍ତ ଜୀବନ ବଞ୍ଚିବା ପାଇଁ ଚେଷ୍ଟା କରିବା, ଯାହାଦ୍ୱାରା ଡାଇବେଟିସ୍‌କୁ ନିୟନ୍ତ୍ରଣ କରିବା ସହିତ ସୁସ୍ଥ ଏବଂ ଦୀର୍ଘାୟୁ ହୋଇପାରିବା।

ମୋ-୯୪୩୮୭୪୩୨୦

ମନ୍ଥନ

॥ ଅଜୟ କୁମାର ବେହେରା ॥

ଏପରି ଶଢିଟି ବହୁ କ୍ଷେତ୍ରରେ ଲାଗେ। ଦଧି ମନ୍ଥନରେ ଦଧିରୁ ଲହୁଣୀ ଅଲଗା, ଚକ୍ର ପ୍ରସ୍ତୁତ ଦହି ଛେନା ଘିଅ ହେଉଥିଲା ଏପରି ସମୟ ଆସିଲା କଞ୍ଚାକ୍ଷୀର ମନ୍ଥନରୁ ଏପରି ଲହୁଣି ଅଲଗା କରାଗଲାଣି। ବୈଦ୍ୟମାନେ ଖଲରେ କୁଟି ଘୋଟି ଏକ ପ୍ରକାର ମନ୍ଥନ କରି ବିଭିନ୍ନ ଔଷଧ ରୋଗ ନିବାରଣ ପାଇଁ କରୁଛନ୍ତି। ଗୁଡ଼କୁ ବିଭିନ୍ନ ଦ୍ରବକରସାୟନ ମିଶ୍ରଣରେ ନେଇ ମନ୍ଥନ କରି ସ୍ପିରିଟ ଓ ମଦ୍ୟ ପ୍ରସ୍ତୁତ କରାଯାଉଛି। ତରକାରୀ ଡାଲି ଏବି ଡଙ୍କା ଚରଖା ମାରି ମନ୍ଥନ କରାଯାଉଛି। ଭୋଟ ପାଇଁ ବିଭିନ୍ନ ପ୍ରକାର ଧ୍ୱନୀ ଦଳର ଜୟଜୟକାର ପ୍ରାର୍ଥୀ ବ୍ୟକ୍ତିଙ୍କର ଜୟଜୟକାର ଧ୍ୱନୀରେ ଏକ ପ୍ରକାର ମନ୍ଥନ ବା ଆଲୋଡ଼ନ କରି ଭୋଟ ଆୟତ ଚେଷ୍ଟା ଚାଲିଛି।

ଦିନେ ଦେବତା ଓ ଅସୁରମାନେ ବହୁ ବନୌଷଧିର ନିର୍ଯ୍ୟାସ, ସାଗର ଜଳରେ ମିଶାଇ ସାଗର ମନ୍ଥନ କରିଥିଲେ। ସେଥିରୁ ଅନେକ ଦେବ ଭୋଗ୍ୟ ବସ୍ତୁ ବାହାରି ଥିଲା ହେଲେ ରାକ୍ଷସ ଭୋଗ୍ୟ ମଦ୍ୟ ବି ବାହାରି ଥିଲା। ଅପସରା ମିଳିଥିଲେ ଅପ୍ ମାନେ ଜଳ ଜଳରୁ ଅପସାରଣ ଯୋଗୁ ତାଙ୍କୁ ଅପସରା କୁହାଯାଏ। ଯେଉଁ ଚୀର ଯୌବନ, ଏହାଙ୍କୁ ଦେବ ସଭାରେ ରଖାଗଲେ ବି ରାକ୍ଷସଙ୍କ ଲୋଲୁପ ଦୃଷ୍ଟି ସର୍ବଦା ତାଙ୍କ ଉପରେ ରହିଆସିଛି। ଏହି ଅପସରାମାନେ ମନୁଷ୍ୟ ତପସ୍ୱୀଙ୍କୁ ତପ କାଳରେ ମାୟାରେ ପକାଇ ତପର ଦିଗଭ୍ରାନ୍ତ କରନ୍ତି। ମହାସାଧକ ବିଶ୍ୱାମିତ୍ର ଏଥିରୁ ବାଦ ନଥିଲେ। କାଳକୂଟ ବିଷ ବି ଏ ମନ୍ଥନରୁ ମିଳିଥିଲା ଏହାକୁ ଦେଖି ତାର ଜ୍ୱଳାରେ ଦେବ ଅସୁର ତ୍ରାହି ତ୍ରାହି ଡାକ ଦେଉଥିଲେ ଶେଷରେ ଖୋଦ ଶଙ୍କର ତାକୁ ପାନ କରି ଗଳାରେ ଧାରଣ କରିଥିଲେ। ବିଷ ନୀଳବର୍ଣ୍ଣ ଯୋଗୁଁ ଶଙ୍କରଙ୍କ ନାମ ନୀଳକଣ୍ଠ ହୋଇଗଲା। ଇଏ ଥିଲା ସମୁଦ୍ର ମନ୍ଥନ କାହିଁ ପ୍ରାକ କାଳର ପୁରାଣ ପ୍ରମାଣ ହେଲେ ଏ ଯୁଗରେ ଆଉ ଦିଓଟି ମନ୍ଥନ ମନୁଷ୍ୟଙ୍କ ଦ୍ୱାରା ଭିନ୍ନ ଭିନ୍ନ ଚିନ୍ତାଧାରାରେ ହେବାକୁ ଲାଗିଛି। ପୃଥି ଗର୍ଭ ମନ୍ଥନ, ଆକାଶ ମନ୍ଥନ। ପୃଥିଗର୍ଭ ମନ୍ଥନରୁ ଲୋକେ ପ୍ରଥମେ ଜଳ ପାଇବା ଚେଷ୍ଟାରେ ରହିଲେ। ପରେ ପରେ ଜାଳେଣୀ ତେଲ, କୋଇଲା, ଗ୍ୟାସ ଖୋଜ ରହିଲା। ହିରଣ୍ୟଗର୍ଭ ପୃଥିବୀର ଅନ୍ୟନାମ ଯୋଗୁଁ ସୁନା ଖଣି ଖୋଜ ହେଲା ପରେ ବିଭିନ୍ନ ଧାତୁ ଦ୍ରବ୍ୟ ଖୋଜରେ ଆସିଗଲାଣି। ପରମାଣୁର ଇନ୍ଧନ ମଧ୍ୟ ଖୁରାନିୟମ, ପ୍ଲୁଟୋନିୟମ, ଥୋରିୟମ ଖୋଜା ଚାଲିଛି। ଚାଲାକ ଦେଶମାନେ ନିଜ ଭୂମିରୁ ଏହାକୁ ଉଠାଇବା କାର୍ଯ୍ୟ ମନ ନଦେଇ ବାହାରୁ ଧନ ଥୋପ ଦ୍ରବ୍ୟ ବଦଳ ଥୋପରେ କ୍ରୟ ମାଟି ମୂଲ୍ୟରେ ନେଉଛନ୍ତି। ଶେଷରେ ଖଣିଜ ପଦାର୍ଥ ଶେଷ ହେଲେ ସେମାନେ ତାଙ୍କର ଭଣ୍ଡାର ଖୋଲି କାନମୋଡ଼ି ଅର୍ଥ ସଂଗ୍ରହ କରିବେ। ତେଲ ଖଣି ଥିବା ଦେଶ ଧନ କୁବେର ତାଙ୍କର ଶସ୍ୟଭୂମି ଦୁର୍ଲଭ, ସେମାନେ ତେଲ ବଦଳରେ ଖାଦ୍ୟଶସ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସୁଲଭରେ ପାଇଯାଉଛନ୍ତି।

ଭାରତ ପରି ଦେଶରେ ରାସ୍ତାଘାଟ ପ୍ରସ୍ତୁତ ପାଇଁ ଅପାୟିତ ଧନ ଋଣ ଦୀର୍ଘ ମିୟାଦୀ କାଳରେ ଋଣ ଦେଇ ରାସ୍ତା ପ୍ରସ୍ତୁତ କରାଉଛନ୍ତି ଓ ମଟର ଯାନ ଶିଳ୍ପ ମାନଙ୍କୁ ସେମିତି ଋଣ ଦେଇ ମଟର ସାଇକେଲ ସ୍କୁଟି, ଟେମ୍ପୁ, ବଡ଼ ବଡ଼ ବସ, ମଟର କାର, କାରଖାନା କରାଉଛନ୍ତି। ଏହାପଛରେ ଅଛି ତେଲ ଦର ବେଳକୁ ବେଳ ବୃଦ୍ଧି କରିବା ଚେଷ୍ଟା ଯାହା ନିଶାଖୋର ଭଳି ଯାନ ମାଲିକ ଯାନ ଛାଡ଼ି ଚଳିପାରିବେ ନାହିଁ। ଯାନର ଭଡ଼ା ବଢ଼ିବ ଯାତ୍ରୀ ହିଁ ତେଲ ପଇସା ପରୋକ୍ଷରେ ଦେଇଚାଲିବେ। ସୁନା ଖଣି ମିଳୁଛି କିନ୍ତୁ ସୁନା ଦାମ କେବେ କମିନପାରେ। ଲୁହା, ତମ୍ବା, ଦସ୍ତାପରି ଧାତୁ କେବେ କମିବା ସମ୍ଭବନା ନାହିଁ। ଆକାଶ ମହାକାଶ ମନ୍ଥନ ଦ୍ରୁତଗତିରେ ଚାଲିଛି। ସୂର୍ଯ୍ୟ ପର୍ଯ୍ୟନ୍ତ ଯାତ୍ରା ଚିନ୍ତା ଚାଲିଲାଣି। ଆଉ ଚନ୍ଦ୍ର, ମଙ୍ଗଳ ଯାତ୍ରା ତ ସବୁ ବିକାଶଶୀଳ ଧନୀ ରାଷ୍ଟ୍ର ମନ ଦେଇଛନ୍ତି। ଆକାଶରେ କୃତ୍ରିମ ଉପଗ୍ରହ ମାଳ ମାଳ ବିଭିନ୍ନ ଦେଶ ଉଡାଇଲେଣି। ଆକାଶରେ ରହି ଇନ୍ଦ୍ରଜିତ ଲଢ଼ାଇ କରୁଥିଲେ ରାବଣ ପୁଷ୍ପକ ଯାନରେ ଆସି ସୀତାଙ୍କୁ ଉଠାଇ ନେଇଥିଲେ। ଏସବୁ କଳ୍ପନା ପୁରାଣ ଥିଲେ ବି ଏବେ ଏପରି ସତ୍ୟରେ ପରିଣତ ହୋଇଛି ଆମର ଖୋଦ ବିଜୁବାବୁ ଇଣ୍ଡୋନେସିଆରୁ ଜେନେରାଲ ହଟ୍ଟା ଓ ସୁକର୍ଣ୍ଣଙ୍କୁ ଗୃହବନ୍ଦୀ ଥିବା ତଳେ ଡେରାପକାଇ ସେନାଙ୍କୁ ତାଜୁବ କରି ଉଠାଇ ଆଣିଥିଲେ। କାଶ୍ମୀରରେ ସାହାସ କରି ବିପ୍ଳବୀଙ୍କୁ ଦମନ ପାଇଁ ଭାରତ ସେନାଙ୍କୁ ନେଇ ଓହ୍ଲାଇ ଥିଲେ। ଏବେ ବିଦେଶ ଯାତ୍ରା କଣ ସ୍ୱଦେଶ ମଧ୍ୟରେ ବିଭିନ୍ନ ସ୍ଥାନଯାନ ସ୍ୱରାଜ୍ୟରେ ବିଭିନ୍ନ ସ୍ଥାନ ଯାତ୍ରାରେ ବିମାନ ବ୍ୟବହାର ହେଲା। ଯୁଦ୍ଧ ଯାହାଜ ସୀମାରେ ପଇଁତରା ମାରୁଛି। ଶତ୍ରୁର ମୁକାବିଲା ପାଇଁ ସବୁଦେଶରେ ବାୟୁସେନା ପ୍ରସ୍ତୁତ। ସ୍କାଇଲାବ ଥରେ ଯାଇ ନିୟନ୍ତ୍ରଣ ବାହାରେ ଆସି ପୃଥିବୀରେ ଆତଙ୍କ କରିଥିଲା। ଏମିତି ଅନେକ ଯାନ ରକେଟର ଭଗ୍ନାଂଶ ଘୁରି ବୁଲୁଛି ଯାହା ପୃଥିବୀ ମାଧ୍ୟାକର୍ଷଣ ଶକ୍ତିର ଟାଣ ରେଂଜରେ ନାହିଁ। ଏବେ ଆକାଶ ଆବର୍ଜନା ପୂର୍ଣ୍ଣ ଧୂଆଁ ବିଷାକ୍ତ ଗ୍ୟାସ ଆକାରେ ଭର୍ତ୍ତି। ଆକାଶ ସୀମା ସବୁ ଦେଶମାନେ ବାଣ୍ଟି ନେଇ ସାରିଲେଣି। ବିଭିନ୍ନ ଦେଶର ପକ୍ଷୀଙ୍କ ପାଇଁ କିଛି ରାଜ ଆଦେଶ ଉଡି ଅନ୍ୟ ଦେଶକୁ ଯିବାକୁ ନାହିଁ ହେଲେ ବିମାନ। ଉଡାଣ ପାଇଁ ବିଧି ନିଷେଧ ବଳବତ୍ତର ରହିଛି। ଆକାଶୀୟ ଯାନରେ ଯୁଦ୍ଧ ଆତଙ୍କ ସବୁଦେଶକୁ ସବୁବେଳେ ଭୟାତୁର ରଖୁଛି। ବର୍ଷା ବି ଆକାଶ ସହିତ ସମ୍ବନ୍ଧରେ ରହିଛି ଏହା ଯେଉଁ ନିୟମରେ ଋତୁ ଅନୁସାରେ ବର୍ଷଣ କରେ ତାହା ଏବେ ବ୍ୟତିକ୍ରମ ହେଲାଣି। ମନୁଷ୍ୟ ମନୁଷ୍ୟ ମଧ୍ୟରେ ପ୍ରତିଯୋଗିତା ବଢ଼ି ବଢ଼ି ଚାଲିଛି। ବିସ୍ତାରବାଦ, ଧର୍ମ ବଢୁଛି। ଏହାର ଫଳ ସ୍ୱରୂପ ଆକାଶରେ ଶକ୍ତି ପ୍ରଦର୍ଶନ ସାଟେଲାଇଟର ଯୁଗରେ ଆଜି ଯେଉଁ ମୋବାଇଲ ଯୁଗ ଆସିଛି ଏହା ଆହୁରି ମାର୍ଜିତ ହୋଇ ଆଗେଇବା ଏସବୁ ଭଲ ଓ ମନ୍ଦ ମିଶ୍ରିତ ଏବେ ବ୍ୟାଙ୍କ ମାନଙ୍କରୁ ଲୋକଙ୍କର ଟଙ୍କା ଗାୟବ ଏମିତି ସମୟ ଆସିବ ଖଜଣାଖାନା ଟ୍ରେଜେରୀ ଟଙ୍କାକଳରୁ ଟଙ୍କା ପଇସା ଗାୟବ ହୋଇପାରେ।

ଟିପଚିହ୍ନ ପୂର୍ବେ ଲାଗୁଥିଲା ଏବେ ସେହି ଟିପଚିହ୍ନର ନକଲ କରି ହଡ଼ପ କରିବା ପଥ ବଢ଼ି ବଢ଼ି ଚାଲିଲାଣି। ଏସବୁ ଆକାଶ ମନ୍ଥନର ଫଳ। ମନ୍ଥନରୁ ଅମୃତ, ମଦ୍ୟ, ବିଷ ବାହାରିଥିଲା ଏଥିରେ ଯାହା ପ୍ରମାଣ ଥିଲା ଏହା ମାଟି, ଆକାଶ ମନ୍ଥନରେ ବି ପୂର୍ଣ୍ଣ ରୂପେ ରହିଛି ବୁଝାଗଲାଣି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

'ଅମାବାସ୍ୟା ଚନ୍ଦ୍ର'ର ସ୍ରଷ୍ଟା

॥ ବାଦଲ ଭୂୟାଁ ॥

ଏ ପାପ ପୁଣ୍ୟକୁ ସମାଜର ତତ୍କାଳୀନ ମୂଲ୍ୟବୋଧରେ ବିଚାର ନକରି ମନୁଷ୍ୟତାର ନିକିତିରେ ତଉଲି ଯାଇଛି, ସେହିପରି ମହାନ ବ୍ୟକ୍ତିଙ୍କ ହାତରେ ମୋର ଏ କାଉନ୍‌କୁ ସମର୍ପି ଦେଉଛି' - ବାରିଷ୍ଟର ଗୋବିନ୍ଦ ଦାସ। ସର୍ବଭାରତୀୟ ଆଇନ ବୃତ୍ତି କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ବେଶ୍ ସୁଖ୍ୟାତି ଅର୍ଜନ କରିବା ସହ ଜଣେ ପ୍ରଥିତଯଶା ସାହିତ୍ୟ ସ୍ରଷ୍ଟା ଭାବେ ସୁପରିଚିତ ବାରିଷ୍ଟର ଗୋବିନ୍ଦ ଦାସ ତାଙ୍କ ବହୁ ଚର୍ଚ୍ଚିତ ଓ ପ୍ରଚୁର ପାଠକୀୟ ଆଦୃତି ପାଇଥିବା ଅମାବାସ୍ୟାର ଚନ୍ଦ୍ର ପୁସ୍ତକର ଆଦ୍ୟ କଥନରେ ନିଜେ ଏହାକୁ ଲେଖିଛନ୍ତି। ସୁପ୍ରିମକୋର୍ଟ ବାରରେ ସେ ଥିଲେ ପ୍ରଥମ ଓଡ଼ିଆ ଯିଏ କି ଓକିଲାତି ଜୀବନ ଆରମ୍ଭ କରିଥିଲେ। ଜୀବନ କାଳରେ ସେ ଆଇନ ଜଗତରେ ଯେତିକି ପ୍ରସିଦ୍ଧ, ସାହିତ୍ୟ ଦୁନିଆରେ ସେତିକି ପରିଚିତ ଥିଲେ। ଅମାବାସ୍ୟାର ଚନ୍ଦ୍ର ତାଙ୍କର ସାହିତ୍ୟିକ ପ୍ରତିଭାର ସାର୍ଥକ ଅଭିବ୍ୟକ୍ତି। ୧୯୬୪ରେ ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା। ୨୦୦୮ରେ ତାଙ୍କର

ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା

ସୋମବାର, ୨୩ ନଭେମ୍ବର, ୨୦୨୬

ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ପଞ୍ଚୁକ ପର୍ବର ଦ୍ୱିତୀୟ ସନ୍ଧ୍ୟା : ଶ୍ରୀଜୀଉଙ୍କ ମତ୍ସ୍ୟ କଚ୍ଛପ ବେଶରେ ଭାବ ବିହ୍ୱଳ ଶ୍ରଦ୍ଧାଳୁ



ଓଡ଼ଗାଁ, (ମହାଭାରତ): ସ୍ୱର୍ଣ୍ଣ କଳସୀ କ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜିଉଙ୍କ ପବିତ୍ର ପଞ୍ଚୁକପର୍ବ ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ପ୍ରଭୂ ମତ୍ସ୍ୟ ଓ କଚ୍ଛପ ବେଶରେ ଦର୍ଶନ ଦେଇଛନ୍ତି। ବଡ଼ଭାଇ ପ୍ରଭୁ ରାମଚନ୍ଦ୍ର ମତ୍ସ୍ୟବେଶ ହୋଇଥିବାବେଳେ ଅନୁଜ ଲକ୍ଷ୍ମଣ କଚ୍ଛପ ବେଶରେ ସଜ୍ଜିତ ହୋଇଥିଲେ। ନବଦୁର୍ବାଦଳ ପ୍ରଭୁ ଶ୍ରୀରାମଙ୍କର ଶ୍ୟାମଳ ମୁର୍ତ୍ତିକୁ ଦର୍ଶନ କରିବାପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସମସ୍ତ ସନ୍ଧ୍ୟା ନୀତିପରେ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ମନ୍ଦିର ଦ୍ୱାର ଖୋଲିବା ସହିତ ପାଳିଆପଣ୍ଡା ପ୍ରଭୁ ରାମଚନ୍ଦ୍ର ଏବଂ ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କୁ ଆଳତି କରିବାର ଦୃଶ୍ୟଥିଲା ଅତିବ ମନୋରମ।ଶ୍ରୀରଘୁନାଥଙ୍କ ଠାରେ ଅନୁଭବର ଠାକୁର ଶ୍ରୀଜଗନ୍ନାଥଙ୍କୁ ଦର୍ଶନକରି ବହୁ ବୃଦ୍ଧବୃଦ୍ଧା ହବିଶ୍ୟାଳୀ ହୋଇଥିଲେ ଭାବବିହ୍ୱଳ।ପୂଜକ ପରିଷଦ ସଭାପତି,ପାଳିଆ ସେବକ ଓ ମନ୍ଦିର ପରିଚ୍ଛାଙ୍କ ଦ୍ୱାରା ସମସ୍ତ ନୀତି ସମାପନ ହୋଇଥିବା ଜଣାପଡ଼ିଛି।

ଆହାର କେନ୍ଦ୍ର ଉଦଘାଟନରେ ରାଜନୀତିର ତାଡି: ବର୍ଷିଲେ ଜିଲ୍ଲା ପରିଷଦ ସଭ୍ୟ

ବାଲିପାଟଣା, (ମହାଭାରତ) : ସାଂସଦ ଙ୍କ ଆହାର କେନ୍ଦ୍ର ଉଦଘାଟନ: ଜନସେବା ନା ରାଜନୈତିକ ନାଟକବାଜି ଓ ଅଣଦେଖା ? ଅଠାନ୍ତର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ୮୫ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ନୂତନ ଆହାର କେନ୍ଦ୍ରକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଉଦଘାଟନ କରିଛନ୍ତି। ରାସ୍ତା ଓ ଗୃହନିର୍ମାଣ ବିଭାଗ ପକ୍ଷରୁ ଗତ ଅକ୍ଟୋବରରେ ଗୃହ ନିର୍ମାଣ ଶେଷ ହୋଇଥିବା ବେଳେ ଏଥିରେ ରୋଷେଇ ଘର, ଶୌଚାଳୟ, ଥଣ୍ଡା ପାନୀୟ ଜଳ ଓ ବିଦ୍ୟୁତ ଇନଭର୍ଟର ବ୍ୟବସ୍ଥା ରହିଛି ବୋଲି ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଏସ୍‌ଡିଓ ରାଜେନ୍ଦ୍ର ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ଉଦଘାଟନ ବେଳେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ବିଧାୟକ, ବ୍ଲକ ଚେୟାରମ୍ୟାନ ଓ ସରପଞ୍ଚଙ୍କୁ ନିମନ୍ତ୍ରଣ ସତ୍ତ୍ୱେ ସେମାନେ ଲୋକଙ୍କ କାମରେ ସମୟ ଦେଉନଥିବା କହି ସମାଲୋଚନା କରିଥିଲେ। ଅନ୍ୟପଟେ, ୧୯ ନଂ ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକଙ୍କୁ ନିମନ୍ତ୍ରଣ ନକରିବା ଏବଂ ଫଳକରେ ତାଙ୍କ ନାମ ନଥିବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଶ୍ରୀ ମଲ୍ଲିକ ଓ ତାଙ୍କ ସମର୍ଥକମାନେ ସାଂସଦଙ୍କୁ ଘେରି ପ୍ରତିବାଦ କରିବା ପରେ ପୋଲିସ ହସ୍ତକ୍ଷେପ କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଗୋଟିଏ ପଟେ ଅନ୍ୟ ଲୋକପ୍ରତିନିଧିଙ୍କ ଅନୁପସ୍ଥିତିକୁ ନେଇ ସାଂସଦ ପ୍ରଶ୍ନ ଉଠାଉଥିବା ବେଳେ, ଅନ୍ୟପଟେ ଜଣେ ନିର୍ବାଚିତ ଜିଲ୍ଲା ପରିଷଦ ସଭ୍ୟଙ୍କୁ ଅଣଦେଖା କରିବା ନେଇ ସାଂସଦଙ୍କ ଉପସ୍ଥିତରେ ବିଭାଗ ପକ୍ଷରୁ ଏଭଳି କାର୍ଯ୍ୟଶୈଳୀକୁ ସମାଲୋଚନା କରାଯାଉଛି। ଏଭଳି ଜନହିତକର କାର୍ଯ୍ୟକ୍ରମରେ ପ୍ରୋଟୋକଲ ଓ ବିବାଦକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହାକୁ ନେଇ ଜିଲ୍ଲାପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ କହିଛନ୍ତି ଯେ ଏହି ଆହର କେନ୍ଦ୍ର ପ୍ରତିଷ୍ଠା ପାଇଁ ମୋର ଅନେକ ଅବଦାନ ରହିଛି । ବିଭିନ୍ନ ସମୟରେ ମୁଁ ଜିଲ୍ଲାପରିଷଦ ବୈଠକରେ ଏହି ପ୍ରସ୍ତାବ ଉଠାଇବା ସହ ଆହାର କେନ୍ଦ୍ର ପ୍ରତିଷ୍ଠା ପାଇଁ ଚେଷ୍ଟା କରିଛି । କିନ୍ତୁ ପରିତାପର ବିଷୟ ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗର ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ମୋ ନାମକୁ ଫଳକରେ ରଖିନଥିଲେ କିମ୍ବା ମୋତେ ନିମନ୍ତ୍ରଣ କରିନଥିଲେ । ସାଂସଦ, ବିଧାୟକ ଏପରିକି ସ୍ଥାନୀୟ ଜନ ପ୍ରତିନିଧି ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ନାମଥିବା ବେଳେ ମୋ ନାଁ ନଥିବା ପରିତାପର ବିଷୟ। ଏହି କାର୍ଯ୍ୟକ୍ରମରେ ଦ୍ୱାରିକାନାଥ ଚୌଧୁରୀ, ନାରାୟଣ ଖୁଣ୍ଟିଆ, ଶୈଳେନ୍ଦ୍ର ଭୋଳ, ବସନ୍ତ ନାୟକ, ଶିବ ମଲ୍ଲିକ, ଅଶୋକ ପଟ୍ଟନାୟକ, ସସ୍ମିତା ପଣ୍ଡା, ରଶ୍ମି ରଞ୍ଜନ ବଳିୟାରସିଂ, ଦିଲ୍ଲୀପ କୁମାର ଓଝା, ଶଶିଭୂଷଣ ପାତ୍ର, ମିର ଅଖତାର ଅଲ୍ଲୀ, ପ୍ରଶାନ୍ତ ସାମନ୍ତରାୟ, ସିଦ୍‌ଧେଶ୍ୱର ନାଥ, ବିଜୟ ମହାରଣା, ମେଡିକାଲ ସୁପରିଟେଣ୍ଡେଣ୍ଟ ଗାୟତ୍ରୀ ମିଶ୍ର ଏବଂ ବହୁ ମହିଳା ଉପସ୍ଥିତ ଥିଲେ।

ଅସହାୟ ଭିନ୍ନକ୍ଷମ ବୃଦ୍ଧ ଓ ଦମ୍ପତିଙ୍କୁ ବିଧାୟକଙ୍କ ସହାୟତା ପ୍ରଦାନ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଅନ୍ତର୍ଗତ ବଡ଼ପାଟଣା ଗ୍ରାମରେ ଭିନ୍ନକ୍ଷମ ଭାବେ ବୃଦ୍ଧ ଓ ଦମ୍ପତି କୁଶ ଭୂମିଜ ୭୬ବର୍ଷ ଓ ପତ୍ନୀ ସାବିତ୍ରୀ ଭୂମିଜ ୭୪ବର୍ଷ ଦୀର୍ଘଦିନ ଧରି ଅତ୍ୟନ୍ତ ଅସହାୟ ଅବସ୍ଥାରେ ଜୀବନ ଯାପନ କରୁଥିବା ବେଳେ ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାର ହେବା ପରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ସେମାନ ଙ୍କ ବାସଭବନରେ ପହଞ୍ଚି ଅସାହାୟ ବୃଦ୍ଧ ଓ ଦମ୍ପତି ଙ୍କୁ ଶୀତବସ୍ତ୍ର, କମ୍ବଳ ସହିତ ଶୁଖିଲା ଖାଦ୍ୟ ପ୍ରଦାନ କରିବା ସହ ସେମାନଙ୍କ ଭଲମନ୍ଦ ପଚାରି ବୁଝି ଥିଲେ । ବିଧାୟକଙ୍କ ସହାୟତା ପ୍ରଦାନ ସମୟରେ ପଲାଣଘାଟି ସମିତି ସଭ୍ୟ ବିଶ୍ୱନାଥ ନାଏକ ତଥା ବିଜେପି କର୍ମୀ ଅକ୍ଷୟ କୁମାର ସାହୁ, ନିତେଶ କୁମାର ମହାନ୍ତ, ଯତୀନ୍ଦ୍ର କୁମାର ଦାସ ଏବଂ ସୁବ୍ରତ କୁମାର ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ ।



ଦିଆଲି ଭେଟଘାଟରେ ଲକ୍ଷ୍ମୀପୁରରେ ଡମ୍ ସମାଜର ମହାମିଳନ



ଲକ୍ଷ୍ମୀପୁର, (ମହାଭାରତ): ନିଜସ୍ୱ ପରିଚୟ, ପାରମ୍ପରିକ ଐତିହ୍ୟ ଓ ସାଂସ୍କୃତିକ ମୂଲ୍ୟବୋଧକୁ ଉଜ୍ଜୀବିତ ରଖିବାର ବାର୍ତ୍ତା ନେଇ ଲକ୍ଷ୍ମୀପୁରରେ ମହାଆଡ଼ମ୍ବରରେ ପାଳିତ ହୋଇଛି ଡମ୍ ସମାଜର ଦିଆଲି ଭେଟଘାଟ। ଏହି ଅବସରରେ ହଜାର ହଜାର ଡମ୍ କୁଟୁମ୍ବଙ୍କ ସମାଗମରେ ଲକ୍ଷ୍ମୀପୁର ପାଲଟିଥିଲା ଏକ ବିଶାଳ ସାମାଜିକ ମିଳନସ୍ଥଳ। ପାରମ୍ପରିକ ରୀତିନୀତି, ନାଚଗୀତ ଓ ଭାଇଚାରାର ପରିବେଶ ମଧ୍ୟରେ ସମାଜର ଏକତା ଓ ସଂସ୍କୃତିର ଝଲକ ସ୍ପଷ୍ଟ ବାରି ହୋଇପଡ଼ିଥିଲା। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ପଡ଼ିଆଠାରେ ଆୟୋଜିତ ଏହି ଭେଟଘାଟରେ ବ୍ଲକର ବିଭିନ୍ନ ଗ୍ରାମ ସମେତ ଅନ୍ୟ ଅଞ୍ଚଳରୁ ମଧ୍ୟ ହଜାର ହଜାର ପରିବାର ଯୋଗଦେଇଥିଲେ। ମହିଳା, ପୁରୁଷ, ଯୁବକଯୁବତୀ ଓ ଶିଶୁଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ଏକ ବିଶାଳ ସାମାଜିକ ମହୋତ୍ସବର ରୂପ ନେଇଥିଲା। ଏଥିରେ ଅନ୍ୟ ଜିଲ୍ଲାରୁ ଡମ୍ ଢାଙ୍ଗଡ଼ା ମାଝୀଙ୍କ ସମେତ ସମାଜର ବହୁ ବରିଷ୍ଠ ବ୍ୟକ୍ତି ଓ ନେତୃବୃନ୍ଦ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ମିନି ଷ୍ଟାଡିୟମଠାରୁ ବ୍ଲକ ପଡ଼ିଆ ପର୍ଯ୍ୟନ୍ତ ବାହାରିଥିବା ଭବ୍ୟ ପାରମ୍ପରିକ ଶୋଭାଯାତ୍ରା। ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଢୋଲ ଓ ମାଦଳର ତାଳେ ତାଳେ ନୃତ୍ୟଗୀତ ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ସମାଜର ବହୁ ସଦସ୍ୟ। ଏହାଦ୍ୱାରା ଡମ୍ ସମାଜର ପୁରାତନ ପରମ୍ପରା, ସାଂସ୍କୃତିକ ଚଳଣି ଓ ସାମାଜିକ ପରିଚୟର ଏକ ମନୋରମ ଚିତ୍ର ପ୍ରତିଫଳିତ ହୋଇଥିଲା। ପରେ ଆୟୋଜିତ ସଭାରେ ସମାଜର ଐତିହ୍ୟ ଓ ପରମ୍ପରାର ସୁରକ୍ଷା ସହ ସାମାଜିକ ଏକତାକୁ ଆହୁରି ସୁଦୃଢ଼ କରିବା ଉପରେ ମତ ପ୍ରକାଶ ପାଇଥିଲା। ବିଶେଷକରି ନୂତନ ପିଢ଼ି ନିଜ ସମାଜର ଇତିହାସ, ପରିଚୟ ଓ ପୂର୍ବପୁରୁଷଙ୍କ ଅବଦାନ ସମ୍ପର୍କରେ ଜାଣିବା ସହ ନିଜ ସଂସ୍କୃତିକୁ ଆଗାମୀ ଦିନରେ ବଞ୍ଚାଇ ରଖିବା ଦିଗରେ ଯୁବପିଢ଼ିଙ୍କ ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦୂରଦୂରାନ୍ତରେ ରହୁଥିବା ସମାଜର ପରିବାରଗୁଡ଼ିକୁ ଗୋଟିଏ ମଞ୍ଚରେ ଏକାଠି କରିବା ସହ ପରସ୍ପର ମଧ୍ୟରେ ସମ୍ପର୍କ, ସହଯୋଗ ଓ ଭାଇଚାରା ବଢ଼ାଇବା ହେଉଛି ଏହି ଭେଟଘାଟର ମୁଖ୍ୟ ଉଦ୍ଦେଶ୍ୟ। ଏହା କେବଳ ଏକ ଉତ୍ସବ ନୁହେଁ, ବରଂ ସମାଜର ସାମୂହିକ ପରିଚୟ ଓ ଐତିହ୍ୟକୁ ନୂତନ ପିଢ଼ି ନିକଟରେ ପହଞ୍ଚାଇବାର ଏକ ପ୍ରୟାସ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଲକ୍ଷ୍ମୀପୁର ଡମ୍ ସମାଜର ଯୁବ ସଭାପତି ବିଶ୍ୱଜିତ ଗରଡ଼ାଙ୍କ ନେତୃତ୍ୱରେ ଗତ କିଛି ବର୍ଷ ଧରି ଏହି ଦିଆଲି ଭେଟଘାଟ ଆୟୋଜିତ ହୋଇଆସୁଛି। ସମାଜର ସମସ୍ତ ବର୍ଗଙ୍କୁ ଏକତ୍ରିତ କରିବା ଏବଂ ନିଜସ୍ୱ ପରମ୍ପରା ଓ ସଂସ୍କୃତିର ସଂରକ୍ଷଣ ପାଇଁ ଏହି ଉଦ୍ୟମ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇପାରିଛି। ଲକ୍ଷ୍ମୀପୁରର ଏହି ମହାମିଳନ ମାଧ୍ୟମରେ ଡମ୍ ସମାଜ ନିଜ ଏକତା, ଐତିହ୍ୟ ଓ ସାଂସ୍କୃତିକ ଗୌରବର ଏକ ଦୃଢ଼ ବାର୍ତ୍ତା ଦେଇଛି।

ଜିଲାସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନା ଚକ୍ର ଅନୁଷ୍ଠିତ

ନୂଆପଡା, (ମହାଭାରତ): ନୂଆପଡ଼ା ଜିଲା ଖଡ଼ିଆଳ ଶିଶୁ ବିଦ୍ୟା ମନ୍ଦିର ପରିସର ମଧ୍ୟରେ ସଂଘ ଶତାବ୍ଦୀ ବର୍ଷ ଉଦେଶ୍ୟରେ ଜିଲାସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନା ଚକ୍ର, ପାଞ୍ଚ ପରିବର୍ତ୍ତନ ବିଷୟରେ ଆଲୋଚନା ଅନୁଷ୍ଠିତ ହୋଇ ଯାଇଅଛି। ଶିକ୍ଷା ବିକାଶ ପରିଷଦ ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ନୂଆପଡ଼ା ଜିଲାର ୩୮ ଗୋଟି ବିଭିନ୍ନ ବିଦ୍ୟାମନ୍ଦିରରୁ ଆସିଥିବା ଶିକ୍ଷାବିତ୍ ମାନେ ଯୋଗ ଦେଇଥିଲେ। ନୂଆପଡ଼ା ବିଭାଗ ନିରୀକ୍ଷକ ଯୁବରାଜ କୁଦେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରୁଦ୍ର ମାଧବ ବାରିକ, ଜିଲା ପ୍ରମୁଖ ଧ୍ରୁବ ପାତ୍ର, ସଙ୍କୁଳ ପ୍ରମୁଖ ହୃଷିକେଶ ଦଣ୍ଡସେନା ମଞ୍ଚାସୀନ ରହି 'ପଞ୍ଚ ପରିବର୍ତ୍ତନ' ବିଷୟକୁ ଆଗେଇ ନେଇଥିଲେ। ପଞ୍ଚ ପରିବର୍ତ୍ତନ କହିଲେ ସମରସତା, ସ୍ୱଜଗରଣ, ନାଗରିକ କର୍ତ୍ତବ୍ୟ, କୁଟୁମ୍ବ ପ୍ରବୋଧାନ ଏବଂ ପର୍ଯ୍ୟାବରଣ ଉପରେ ଆହ୍ୱାନ କରିଛନ୍ତି। ଶିକ୍ଷକ ମାନେ କେବଳ ପାଠ ପଢ଼ାଇବା ନୁହେଁ, ଶିଶୁର ଚରିତ୍ର ଗଠନ କରିବାରେ ମଧ୍ୟ ଗୁରୁ ଦାୟିତ୍ୱ ତୁଲାଇବାକୁ ପଡ଼ିବ ବୋଲି ମତ ପ୍ରକାଶ କରିଥିଲେ। ନୂଆପଡ଼ା ଜିଲା ଅନ୍ତର୍ଗତ ୩୮ଟି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ଗୁରୁଜୀ ଗୁରୁମା ସମେତ ୯୬ ଜଣ ଶିକ୍ଷାବିତ୍ ଅଂଶଗ୍ରହଣ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିଜ ନିଜ ବିଦ୍ୟାଳୟର ଅଭିଜ୍ଞତା ବାଣ୍ଟିବା ସହ ଆଗାମୀ ଦିନରେ ପଞ୍ଚ ପରିବର୍ତ୍ତନକୁ କିଭଳି କାର୍ଯ୍ୟକାରୀ କରାଯିବ, ସେ ନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ପୁଟେଲ୍ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭାଗ ନିରୀକ୍ଷକ ଯୁବରାଜ କୁଦେଇ ଉଦ୍ଦେଶ୍ୟ ଜ୍ଞାପନ କରି କହିଥିଲେ, ବିଦ୍ୱତ୍ ପରିଷଦ କେବଳ ଏକ ବୈଠକ ନୁହେଁ, ଏହା ଗୁରୁଜୀ ଗୁରୁମାଙ୍କ ଜ୍ଞାନ ବୃଦ୍ଧି ଓ ସଂସ୍କାର ବିକାଶର ମାଧ୍ୟମ। ପରିଚାଳନା ସମିତି ଉପ ସଭାପତି ଆଦିତ୍ୟ ମହାଉତୀ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିବା ବେଳେ ସଦସ୍ୟା ଝୁନି ଚଲାନ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ବୀଣାପାଣି ଦର୍ଜୀ ମଞ୍ଚ ପରିଚାଳନା କରିଥିଲେ।

ଧାମନଗର ମିଡ଼ିଆ କ୍ଲବକୁ ମହତାବ ଜୟନ୍ତୀ କମିଟି ଭଦ୍ରକ ପକ୍ଷରୁ ସମ୍ବର୍ଦ୍ଧନା ସହ ସମ୍ମାନିତ

ଧାମନଗର, (ମହାଭାରତ): ଭଦ୍ରକ ଶହୀଦ ସ୍ମୃତି ଭବନ(ଟାଉନ ହଲ) ପରିସରରେ ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବଙ୍କ ୧୨୭ତମ ଜୟନ୍ତୀ ମହୋତ୍ସବ ବିଶିଷ୍ଟ ଶିକ୍ଷାବିତ୍ ସିଭ୍ ବାବା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସପି ମନୋଜ କୁମାର ରାଉତ,ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଉର୍ମିଳା ପାଣିଗ୍ରାହୀ,ବିଶିଷ୍ଟ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ନବ ଉତ୍କଳର ନିର୍ମାତା,ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ,ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଧାମନଗର ମିଡ଼ିଆ କ୍ଲବର କାର୍ଯ୍ୟ ଧାରାରେ ଅନୁପ୍ରାଣିତ ହୋଇ ଭଦ୍ରକ ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବ ଜୟନ୍ତୀ କମିଟି ପକ୍ଷରୁ ମିଡ଼ିଆ କ୍ଲବକୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର,ଉପଢୌକନ ଓ



ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ସହ ସମ୍ମାନିତ କରାଯାଇଛି। କ୍ଲବର ସଭାପତି ବିବେକାନନ୍ଦ ପଣ୍ଡା, ଉପସଭାପତି ସେକ ଜାଫର ଅଲ୍ଲୀ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ରାଉତ, ସହସମ୍ପାଦକ ଦୁର୍ଗାପ୍ରସାଦ ମହାପାତ୍ର, ସଦସ୍ୟ କୁମାରେଶ ଖିଲାର,ଦୀନକୃଷ୍ଣ ମହାପାତ୍ର, ଫିରୋଜ ଶାହା ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ମାନପତ୍ର ଗ୍ରହଣ କରିଥିଲେ। ଭଦ୍ରକ ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବ ଜୟନ୍ତୀ କମିଟିର ମୁଖ୍ୟ ତଥା ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଅପୂର୍ବ ରଞ୍ଜନ ବେହେରାଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ମିଡ଼ିଆ କ୍ଲବ ଧାମନଗର ତରଫରୁ ଧନ୍ୟବାଦ ଜଣାଇବା ସହ ଉତ୍ତର ଉତ୍ତର କାମନା କରାଯାଇଛି।

୧୨ଗୋରୁ ବୋଝେଇ ଦୁଇ ପିକଅପ ଜବତ, ଦୁଇଜଣ ଗିରଫ

ପାଟଣ. (ମହାଭାରତ) : କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ ସନ୍ତରାପୁର ଅଞ୍ଚଳରୁ ମୟୂରଭଞ୍ଜ ଜିଲ୍ଲା ଯଶିପୁର ଟେଣ୍ଟପଶି ଅଞ୍ଚଳ କୁ ୧୨ ଟି ବଳଦ ବୋଝେଇ କରି ୨୨୦ନଂ ଜାତୀୟ ରାଜପଥ ରେ ଯାଉଥିବା ୨ଟି ପିକ୍‌ଅପ୍ କୁ ପାଟଣା ପୁଲିସ ଜବତ କରିବା ସହ ୨ ପିକ୍ ଅପ୍ ସହାୟକ ଙ୍କୁ ଗିରଫ କରିଛି। ଗୋ ଚାଲାଣ ଖବର ହେଉଥିବା ସୂଚନା ପାଇ ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ ,ଏଏସ ଆଇ ଧନେଶ୍ୱର ପାତ୍ର ଓ ତୋଫାନ ନାଏକ ଅନ୍ୟ ପୁଲିସ କର୍ମଚାରୀ ଓ ଜିଲ୍ଲା ପୁଲିସ ମୁଖ୍ୟାଳୟ ରୁ ଆସିଥିବା ପୁଲିସ ମାନେ ରାତି ୧ ଟା ସମୟରେ ଖଜୁରାଡିହା ଛକ ନିକଟ ରୁ ୨ ଟି ଯାକ ଗୋରୁ ବୋଝେଇ ପିକ୍ ଅପ୍ କୁ ଜବଦ କରିବାରେ ସକ୍ଷମ ହୋଇଛନ୍ତି। ଜବତ ଗୋରୁ ଙ୍କୁ ରାଜନଗର ଗୋଶାଳା କୁ ପଠାଯାଇଛି। ଏ ନେଇ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ଛାନଭିନ କରୁଛି। ଗିରଫ ଦ୍ୱୟ ହେଲେ ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅନ୍ତର୍ଗତ ଧୋବାଡିହା ର ସୋନୁ ହୋ (୨୨) ଏବଂ ଶିବ ବେହେରା (୨୩) ବୋଲି ଜଣାପଡିଛି। ଗିରଫ ଦ୍ୱୟ ପୁଲିସ କୁ ଗାଡ଼ି ଚଢାଇ ମାରିଦେବାକୁ ଉଦ୍ୟମ କରିଥିବା ବେଳେ ଭାରସାମ୍ୟ ହରାଇ ତାଙ୍କ ଗାଡ଼ିଟି ଏକ କଂକ୍ରିଟ ପିଲାର ସହ ଧକ୍କା ହେବାରୁ ସେମାନେ ଆହତ ହୋଇଥିବା ବେଳେ ପୁଲିସ ସେମାନଙ୍କ ର ପ୍ରାଥମିକ ଚିକିତ୍ସା କରାଇଛି।

ଦଶପଲ୍ଲାରେ ରାଜ୍ୟସ୍ତରୀୟ ସାହିତ୍ୟ ସଭା ଓ କବିତା ପାଠୋତ୍ସବ

ଦଶପଲ୍ଲା ୨୨/୧୧ (ମହାଭାରତ): ଓଡ଼ିଆ ଭାଷା, ସାହିତ୍ୟ ଓ ଲୋକସଂସ୍କୃତିର ସୁରକ୍ଷା ତଥା ପ୍ରଚାର ପ୍ରସାର ଲକ୍ଷ୍ୟରେ ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟ ପରିସରରେ ରବିବାର ଦିନ ଏକ ରାଜ୍ୟସ୍ତରୀୟ ସାହିତ୍ୟ ସଭା, ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ 'ଅକ୍ଷ' ସାହିତ୍ୟ ପତ୍ରିକାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସାହିତ୍ୟିକ, କବି, ଲେଖକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ପରେଶ ଚନ୍ଦ୍ର ପଟ୍ଟନାୟକ, କଥାକାର ଅରବିନ୍ଦ ରାୟ ଓ 'ଅକ୍ଷ' ଅନୁଷ୍ଠାନର ସଭାପତି ସୂର୍ଯ୍ୟମଣି ମହାପାତ୍ର ମଞ୍ଚାସୀନ ଥିଲେ। ବିଘ୍ନେଶ୍ୱର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ '



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ସୋମବାର, ୨୩.୧୧. ୨୦୨୬

ଦ୍ୱାଦଶୀ ତିଥିରେ ବରାହ ଓ ନୃସିଂହ ବେଶରେ ଦର୍ଶନ ଦେଲେ ଜଗତର ନାଥ ଶ୍ରୀ ଜଗନ୍ନାଥ ଓ ବଡ଼ଭାଇ ବଳଭଦ୍ର



ଗଜପତି(ମହାଭାରତ୍ୟ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା ଜଗନ୍ନାଥ ମନ୍ଦିରରେ କାର୍ତ୍ତିକ ମାସର ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଠାକୁରଙ୍କ ଦର୍ଶନ ସକାଶେ ଶତାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି ।କାର୍ତ୍ତିକ ମାସ ଏକ ପବିତ୍ର ପୁଣ୍ୟ ମାସ ହୋଇ ଥିବାରୁ ପାରଳାଖେମୁଣ୍ଡି ସହର ସମେତ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଠାକୁରଙ୍କୁ ଦର୍ଶନ କରିବା ପାଇଁ ଆସିଛନ୍ତି । ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥ ଆଜି ବରାହ ଓ ବଡ଼ଭାଇ ବଳଭଦ୍ର ନୃସିଂହ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ।ସାଥିରେ ପୂଜା ପାଉଛନ୍ତି ଭଉଣୀ ଦେବୀ ସୁଭଦ୍ରା ଓ ସୁଦର୍ଶନ ।ଏହି ଅପୂର୍ବ ଦର୍ଶନ ପାଇଁ ଭକ୍ତ ମାନେ ଆସିଛନ୍ତି । ଭୋର ୪ ଟା ରୁ ଠାକୁରଙ୍କ ନୀତିକାନ୍ତି, ପୂଜାର୍ଚ୍ଚନା ଆରମ୍ଭ ହୋଇ ସକାଳ ଆଳତୀ ଷୋଡ଼ଶ ଉପଚାର ପୂଜା ହୋଇଛି ।ଏହି ପବିତ୍ର ଦ୍ୱାଦଶୀ ତିଥିରେ ଭକ୍ତ ମାନେ ନଡିଆ, କଦଳୀ ଧୂପ ଦୀପ ଚନ୍ଦନ ତୁଳସୀ ମାଳ, ଗେଣ୍ଡୁ ଫୁଲ ମଳ, ସେବତୀ ଫୁଲ ହାରରେ ଠାକୁରଙ୍କୁ ସଜା ଯାଇଛି । ସନ୍ଧ୍ୟା ଆଳତୀ ଦର୍ଶନ ସାଙ୍ଗକୁ ହରି ନାମ ସଂକୀର୍ତ୍ତନ ହେଉଛି ।ମନ୍ଦିର ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ।

୧୨ଗୋରୁ ବୋଝେଇ ଦୁଇପିକଅପ ଜବତ ଦୁଇଜଣ ଗିରଫ

ପାଟଣା-(ମହାଭାରତ)କେନ୍ଦୁଝର ଜିଲ୍ଲା ତେଙ୍କିକୋଟ ସନ୍ତରାପୁର ଅଞ୍ଚଳ ରୁ ମୟୂରଭଞ୍ଜ ଜିଲ୍ଲା ଯଶିପୁର ଟେଣ୍ଟପଶି ଅଞ୍ଚଳ କୁ ୧୨ ଟି ବଳଦ ବୋଝେଇ କରି ୨୨୦ନଂ ଜାତୀୟ ରାଜପଥ ରେ ଯାଉଥିବା ୨ଟି ପିକ୍‌ଅପ୍ କୁ ପାଟଣା ପୁଲିସ ଜବଦ କରିବା ସହ ୨ ପିକ୍ ଅପ୍ ସହାୟକ ଙ୍କୁ ଗିରଫ କରିଛି ।ଶୁକ୍ରବାର ରାତି ବେଇଆଇନ ଗୋ ଚାଲାଣ ଖବର ହେଉଥିବା ସୂଚନା ପାଇ ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ ,ଏଏସ ଆଇ ଧନେଶ୍ୱର ପାତ୍ର ଓ ତୋଫାନ ନାଏକ ଅନ୍ୟ ପୁଲିସ କର୍ମଚାରୀ ଓ ଜିଲ୍ଲା ପୁଲିସ ମୁଖ୍ୟାଳୟ ରୁ ଆସିଥିବା ପୁଲିସ ମାନେ ରାତି ୧ ଟା ସମୟରେ ଖଜୁରୀଡିହା ଛକ ନିକଟ ରୁ ୨ ଟି ଯାକ ଗୋରୁ ବୋଝେଇ ପିକ୍ ଅପ୍ କୁ ଜବଦ କରିବାରେ ସକ୍ଷମ ହୋଇଛନ୍ତି ।ଜବଦ ଗୋରୁ ଙ୍କୁ ରାଜନଗର ଗୋଶାଳା କୁ ପଠାଯାଇଛି ।ଏ ନେଇ ୩୫୬/୨୦୨୬ ମୂଳେ ପାଟଣା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣା ର ଛାନଭିନ କରୁଛି ।ଗିରଫ ଦ୍ୱୟ ହେଲେ ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅନ୍ତର୍ଗତ ଧୋବାଡିହା ର ସୋନୁ ହୋ (୨୨) ଏବଂ ଶିବ ବେହେରା (୨୩) ବୋଲି ଜଣାପଡିଛି ।ନିର୍ଦ୍ଧିଷ୍ଟ ଗୁଇନ୍ଦା ସୂଚନା ପାଇ ପୁଲିସ ଏହି ଚଢ଼ାଉ କରିଥିଲା ।ଗିରଫ ଦ୍ୱୟ ପୁଲିସ କୁ ଗାଡ଼ି ଚଢାଇ ମାରିଦେବାକୁ ଉଦ୍ୟମ କରିଥିବା ବେଳେ ଭାରସାମ୍ୟ ହରାଇ ତାଙ୍କ ଗାଡ଼ିଟି ଏକ କଂକ୍ରିଟ ପିଲାର ସହ ଧକ୍କା ହେବାରୁ ସେମାନେ ଆହତ ହୋଇଥିବା ବେଳେ ପୁଲିସ ସେମାନଙ୍କ ର ପ୍ରାଥମିକ ଚିକିତ୍ସା କରାଇଛି ।

ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷ ରୁ ପୋଲିଓ ଦିବସ ପାଳିତ



ପାଟଣା(ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ପୋଲିଓ ଦିବସ ପାଳିତ ହୋଇ ଛି । ଏହି ପୋଲିଓ ଦିବସ କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସୁବାସ ଚନ୍ଦ୍ର ପାତ୍ର ଉଦ୍ଘାଟନ କରିଛନ୍ତି । ଏହି ଉଦ୍ଘାଟନୀ ଦିବସ ରେ ପାଟଣା ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଅଭିଷେକ ସାହୁ, ସ୍ୱାଗତ ପ୍ରଧାନ, ଏଲଏଚୟୁ ନୃପତି ନାୟକ,ସରସ୍ୱତୀ ମହାନ୍ତ,ବିପିଏମ୍ ଦୀପକ କୁମାର ନାୟକ,ଏସଟିଏସ ତପନ କୁମାର ଜେନା, ଅଙ୍ଗନବାଡ଼ି କର୍ମୀ ସୁପ୍ରିୟା ନାଏକ,ମୀନା ପତି, ଚମ୍ପାବତୀ ବାଘୁଆ, ଆଶାକର୍ମୀ ସଭାରାଣି ମହାନ୍ତ ପ୍ରମୁଖ ଉପସ୍ଥିତ ରେ ଜନ୍ମ ରୁ ପାଞ୍ଚବର୍ଷ ଶିଶୁ ମାନ ଙ୍କୁ ଦୁଇ ବୁନ୍ଦା ପୋଲିଓ ଖୁଆ ଯାଇ ଛି । ଏହି ପୋଲିଓ ଦବସ ଅବସରରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷ ରୁ ପାଟଣା ବ୍ଲକ ରେ ନଭେମ୍ବର ୨୨ତାରିଖ ଗୋଟିଏ ଦିନ ରେ ୯୫ଟି ପୋଲିଓ ବୁଥ କେନ୍ଦ୍ର ଖୋଲା ଯାଇ ୯୬୦୧ ଶିଶୁ ଙ୍କୁ ପୋଲିଓ ବୁନ୍ଦା ଖୁଆ ଯାଇ ଥିବା ବେଳେ ନଭେମ୍ବର ୨୩ ଓ ୨୪ ଦୁଇଦିନ ଧରି ଘର ଘର ବୁଲି ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ,ସିରାପି, ସେଚ୍ଛାସେବୀ ମାନେ ଶିଶୁ ମାନ ଙ୍କୁ ପୋଲିଓ ବୁନ୍ଦା ଖୁଆଇବା ବ୍ୟବସ୍ଥା ରହିଥିବା ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷ ରୁ ସୂଚନା ରହି ଛି ।

ଖରିଆର ବରଗାଁ ଛକରେ ବାଇକ୍ ଧକ୍କାରେ ବୃଦ୍ଧ ମୃତ

ନୂଆପଡା(ମହାଭାରତ) ନୂଆପଡା-ବ୍ରହ୍ମହପୁର ୩୫୩ ନଂ ଜାତୀୟ ରାଜପଥ ନିକଟସ୍ଥ ବରଗାଁ ଛକ ଠାରେ ଆଜି ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତ ବୃଦ୍ଧ ଜଣକ ସ୍ଥାନୀୟ ବେନ୍ଦ୍ରାବାହାଲ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପୋଡ଼ (୬୫) ବୋଲି ଜଣାପଡ଼ିଛି । ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଲୋକଙ୍କ ଉତ୍ତେଜନା ପ୍ରକାଶ ପାଇଥିଲା । ସୂଚନା ଅନୁଯାୟୀ, ବୋଡ଼େନ ବ୍ଲକ ଅନ୍ତର୍ଗତ ପଲସଦା ଗ୍ରାମର ରୁଦ୍ର ପୂଜାରୀ ନାମକ ଜଣେ ବ୍ୟକ୍ତି ଏକ ବାଇକରେ ଦ୍ରୁତ ଗତିରେ ଯାଉଥିବା ସମୟରେ ବରଗାଁ ଛକ ନିକଟରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଶକ୍ତ ଧକ୍କା ଦେଇଥିଲେ । ଧକ୍କାର ପ୍ରଭାବ ଏତେ ତୀବ୍ର ଥିଲା ଯେ ବୃଦ୍ଧ ଜଣକ ରାସ୍ତା ଉପରକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକ ତାଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ପୂର୍ଣ୍ଣଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଖଡ଼ିଆଳ ଏସଡିପିଓ ଉପେନ୍ଦ୍ର କୁମାର ପ୍ରଧାନ, ଥାନାଧିକାରୀ ରଶ୍ମିତା ପ୍ରଧାନ ଓ ଏସଆଇ ସହଦେବ ଯୋଶୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଶାନ୍ତ କରିଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି ।

ଧାମନଗର ବ୍ଲକରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



ଧାମନଗର (ମହାଭାରତ)ଭଦ୍ରକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଧାମନଗର ପରିଦର୍ଶନ କରି ପଞ୍ଚାୟତ ସମିତି ସଭାଗୃହରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ସରକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଶନିବାର ଏହି ବୈଠକରେ ବ୍ଲକ ଅଧୀନରେ ଚାଲିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସ୍ଥିତି ଅନୁଧ୍ୟାନ ଓ ତାହାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ ।ବିଶେଷକରି ଅନ୍ତ୍ୟୋଦୟ ଗୃହ ଯୋଜନାର ଅଗ୍ରଗତି,ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ,ବାତ୍ୟା 'ଆକଭାନ୍'ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ ଏବଂ ସରକାରଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଜିଲ୍ଲାପାଳ ତଥ୍ୟ ନେଇ ପଚାରି ବୁଝି ବାସ୍ତବ ସ୍ଥିତି ଓ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଭେନ୍ଦୁ କୁମାର ସାମଲ,ଧାମନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ଦିନ୍ଦା,ତହସିଲଦାର ଜ୍ଞାନରଞ୍ଜନ ସାହୁ,ବ୍ଲକର ଯୋଗାଣ ବିଭାଗ ଅଧିକାରୀ ପ୍ରୀତିଶ ରଞ୍ଜନ ସାମଲ,କନିଷ୍ଠ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ମିଳୁନି ଟିଟାନସ ଇଞ୍ଜେକେସନ

ଆଳି,(ମହାଭାରତ)କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ମିଳୁନି ଟିଟାନସ ଇଞ୍ଜେକେସନ । ରୋଗୀଟିଏ ଖଣ୍ଡିଆ ଖାବରା ହେଉ ଅବା ସଡ଼କ ଦୁର୍ଘଟଣା ଗ୍ରସ୍ତ ହୋଇ ଆସିଲେ ସେମାନଙ୍କୁ ବାହାରୁ ଟିଟାନସ କିଣିବା ନିମନ୍ତେ କୁହା ଯାଉଛି । ପ୍ରାୟ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିଟାନସ ସରି ଯାଇଥିବା ବେଳେ ସ୍ୱାସ୍ଥ୍ୟବିଭାଗର ଅଧିକାରୀ ମାନେ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି ।। ସୂଚନା ଅନୁଯାୟୀ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଳି ବ୍ଲକର ୩୪ ଟି ପଞ୍ଚାୟତର ଅଧିବାସୀ ମାନେ ନିର୍ଭର କରିବା ସହ ପଡୋଶୀ ରାଜକନିକା ବ୍ଲକର ଲୋକମାନେ ନିର୍ଭର କରିଥାନ୍ତି । କିନ୍ତୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ଏଥିପ୍ରତି ଦୃଷ୍ଟି ପଡୁନାହିଁ । ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଛୋଟ ବଡ଼ ଦୁର୍ଘଟଣା ଜନିତ ରୋଗୀ ପ୍ରତିଦିନ ଆସୁଥିବା ବେଳେ ସେମାନଙ୍କୁ ପ୍ରଥମେ ଡ୍ରେସିଂ କରିବା ସହ ଟିଟାନସ ଇଞ୍ଜେକେସନ ଦେବାର ବ୍ୟବସ୍ଥା ଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିଟାନସ ଇଞ୍ଜେକେସନ ନଥିବାରୁ ରୋଗୀ ବାହାରୁ କିଣୁଥିବା ଅଭିଯୋଗ କରିଛନ୍ତି । ରୋଗୀଟିଏ ପହଞ୍ଚି ବାହାରେ ଥିବା ଔଷଧ ଦୋକାନରୁ ଟିଟାନସ ଇଞ୍ଜେକେସନ କିଣି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଛନ୍ତି । ଏଠାରେ ପ୍ରଶ୍ନ ଠୁଛି ଯେ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିଟାନସ ଇଞ୍ଜେକେସନ ସହିତ ବିଭିନ୍ନ ଜରୁରୀ ଇଞ୍ଜେକେସନ ରଖିବାର ନିୟମ ଥିବା ବେଳେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାହିଁକି ରୋଗୀ ମାନଙ୍କ ପ୍ରତି ଏଭଳି ଅବହେଳା ଏହାକୁ ନେଇ ସାଧାରଣରେ ପ୍ରଶ୍ନଉଠିଛି । ଏ ବିଷୟରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ ଶୁକ୍ଲାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଟିଟାନସ ସରିବା ବିଷୟରେ ସେ ଅବଗତ ନାହାଁନ୍ତି । ସୋମବାର ଦିନ ଏ ନେଇ ସେ ଯାଞ୍ଚ କରିବେ । ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମହଜୁଦ ରଖାଯିବ ବୋଲି ପ୍ରତିକ୍ରିୟାରେ କହିଛନ୍ତି ।

୩ କୋଟି ୮୧ ଲକ୍ଷ ଟଙ୍କା ଠକେଇ ମାମଲା

କିରାଣୀ ଦୀପକ ସାହୁ ଗିରଫ



ପାଟଣାଗଡ (ମହାଭାରତ) ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଳ ଓ ଘସିଏନ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଏବଂ କର୍ମଚାରୀଙ୍କ ବିଭିନ୍ନ ପାଉଣା ଟଙ୍କା ହଡ଼ପ ଅଭିଯୋଗରେ ପ୍ରାୟ ୩ କୋଟି ୮୧ ଲକ୍ଷ ଟଙ୍କାର ଆର୍ଥିକ ଠକେଇ ମାମଲା ସାମ୍ନାକୁ ଆସିଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ କିରାଣୀ ଦୀପକ ସାହୁଙ୍କୁ ଗିରଫ କରିବାରେ ଆଜି ଖପ୍ରାଖୋଳ ପୋଲିସ ସଫଳ ହୋଇଛି । ତେବେ ଦୀପକ ସାହୁଙ୍କ ଗିରଫ ପରେ ଏହି ଘଟଣାକୁ ନେଇ ଆହୁରି ଅନେକ ପ୍ରଶ୍ନ ଉଠିଛି । ଅଭିଯୋଗ ଅନୁସାରେ, ଠକେଇ ଟଙ୍କାର କିଛି ଅଂଶ ଦୀପକଙ୍କ ବାପା, ଶ୍ୱଶୁର ଏବଂ ଅନ୍ୟ ସମ୍ପର୍କୀୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇଥିବା କୁହାଯାଉଛି । ଯଦି ଏପରି ଆର୍ଥିକ କାରବାର ହୋଇଛି, ତେବେ ସମ୍ପୃକ୍ତ ଆକାଉଣ୍ଟଗୁଡ଼ିକର ଯାଞ୍ଚ କରାଯାଇଛି କି ନାହିଁ ଏବଂ ସେହି ଟଙ୍କା କେଉଁ ଉଦ୍ଦେଶ୍ୟରେ ନେଣଦେଣ ହୋଇଛି, ତାହା ସ୍ପଷ୍ଟ ହେବା ଆବଶ୍ୟକ । କେବଳ ଜଣେ କିରାଣୀଙ୍କ ଦ୍ୱାରା ଏତେ ବଡ଼ ପରିମାଣର ଅର୍ଥ ହଡ଼ପ ସମ୍ଭବ ହୋଇଥିଲା କି ? ଏହି କାରବାରରେ ଆଉ କାହାରି ସହଯୋଗ ରହିଥିଲା କି ? ଦୀର୍ଘ ଦିନ ଧରି ଏଭଳି ଆର୍ଥିକ ଅନିୟମିତତା କିପରି ଜଣାପଡ଼ିଲା ନାହିଁ ? ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣାରେ ଆଉ କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ ମଧ୍ୟ ଆଲୋଚନା ହେଉଛି । ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ପୋଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହୋଇପାରିବ । ଏତେ ବଡ଼ ଆର୍ଥିକ ଠକେଇ ମାମଲାରେ କେବଳ ମୁଖ୍ୟ ଅଭିଯୁକ୍ତଙ୍କ ଗିରଫଦାରୀରେ ତଦନ୍ତ ସୀମିତ ନରହି, ସମସ୍ତ ଆର୍ଥିକ କାରବାର, ବ୍ୟାଙ୍କ ଆକାଉଣ୍ଟ, ଟଙ୍କା ଯାଇଥିବା ରାସ୍ତା ଏବଂ ସମ୍ଭାବ୍ୟ ସହଯୋଗୀଙ୍କ ଭୂମିକାର ଗଭୀର ଯାଞ୍ଚ ହେବା ଜରୁରୀ । ତେଣୁ ଏହି ମାମଲାରେ ଆର୍ଥିକ ଅପରାଧ ଶାଖା ଦ୍ୱାରା ମଧ୍ୟ ତଦନ୍ତ କରାଗଲେ ଠକେଇର ସମ୍ପୂର୍ଣ୍ଣ ଚିତ୍ର ସାମ୍ନାକୁ ଆସିପାରିବ ବୋଲି ଦାବି ହେଉଛି । ସ୍ୱାସ୍ଥ୍ୟ ବିଭାଗର ଅର୍ଥ କାରବାରରେ ଆଉ କେଉଁମାନଙ୍କ ଭୂମିକା ରହିଛି ଏବଂ ଠକେଇ ଟଙ୍କାର ପ୍ରକୃତ ଗନ୍ତବ୍ୟସ୍ଥଳ କେଉଁଠି, ତାହାର ନିରପେକ୍ଷ ତଦନ୍ତ ହେବା ଏବେ ସମୟର ଦାବି ।

ବନ୍ୟା, ବାତ୍ୟା ପ୍ରପୀଡ଼ିତଙ୍କୁ କମ୍ବଳ ବଣ୍ଟନ

ଗଜପତି(ମହାଭାରତ): ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ତଥା ନିକଟରେ ହେଇଥିବା ବନ୍ୟା ଓ ବାତ୍ୟା ପ୍ରପାଡ଼ିତଙ୍କ ମୁହଁରେ ହସ ଫୁଟାଇବା ଲକ୍ଷ୍ୟରେ ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ଗଜପତି ଜିଲ୍ଲା ନ୍ୟାୟାଳୟରେ ପଦସ୍ଥ ଭାରପ୍ରାପ୍ତ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ଉପସ୍ଥିତିରେ ଭୁବନେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧିର ସଦସ୍ୟା ମମତା ଦେବୀଙ୍କ ନେତୃତ୍ୱରେ ଆସ୍କାର ରକ୍ଷିକୂଲ୍ୟା ନଦୀକୂଳରେ ଥିବା ତ୍ରିବିକ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବୃଦ୍ଧବୃଦ୍ଧାମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । କାର୍ତ୍ତିକ ପୂର୍ଣ୍ଣିମା ପୂର୍ବରୁ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ଆସ୍କା ଏଡ଼ିଜେ କୋର୍ଟରେ କାର୍ଯ୍ୟରତ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୁରେଶ ଚନ୍ଦ୍ର ପାତ୍ର, ଛତ୍ରପୁର ସମାଜସେବୀ ମନୋଜ ମିଶ୍ର, ନିରାକାର ସାହୁ, ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ଜଗନ୍ନାଥ ଚୌଧୁରୀ, ପାରଳାଖେମୁଣ୍ଡିସ୍ଥିତ ଜଷ୍ଟିସ କର୍ଣ୍ଣର ଚାରିଟେବଲର ଟ୍ରଷ୍ଟର ଟ୍ରଷ୍ଟି ଶିବ ଚରଣ



ଜେନା, ଇଂଜିନିୟର ଦେବଦତ୍ତ ମୁନି ପ୍ରମୁଖ ସାହାଯ୍ୟ ସହଯୋଗର ହାତ ବଢାଇ ଏହାକୁ ସଫଳ କରିଥିଲେ । ଆଗକୁ ମଧ୍ୟ ଶୀତ ଦିନରେ ଏହିପରି କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ସ୍ଥାନରେ ଜାରି ରହିବ ବୋଲି ମୁଖ୍ୟ ସଙ୍ଗଠକ ତଥା ସମାଜସେବୀ ନୀଳମଣି ମିଶ୍ର ମତବ୍ୟକ୍ତ କରିବା ସହ ଆଜିର କାର୍ଯ୍ୟକ୍ରମକୁ ନେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

ଖଡ଼ିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା



ନୂଆପଡା(ମହାଭାରତ) ଖଡ଼ିଆଳ ସ୍ଥିତ ପିଏମ୍ ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଖଡ଼ିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରବନ୍ଧ ଲିଖନ ଓ କୁଇଜ୍ ପ୍ରତିଯୋଗିତା ଜିଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଖଡ଼ିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀ ୭୨ ଅନ୍ତର୍ଗତ ସିନାପାଲି, ବୋଡ଼େନ ଓ ଖଡ଼ିଆଳ ବ୍ଲକର ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ପିଏମ୍ ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ , ଗଜେନ୍ଦ୍ର ହରିଜନ, ଗଡ଼ାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷେତ୍ରବାସୀ ବାରିକ ଓ ସହକାରୀ ଶିକ୍ଷକ ପ୍ରେମାନନ୍ଦ ପାତ୍ର ଇଭେଣ୍ଟ ମ୍ୟାନେଜର୍ ଓ ବିଚାରକ ଭାବରେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ପିଏମ୍ ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳ



ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ସୁନାଦର କମିବା ପରେ ଦେଶବାସୀଙ୍କୁ କହିଲେ ମୋଦୀ

ମୋ କଥାକୁ ଗ୍ରହଣ କଲେ ଓ ସୁନା କିଣିବା କମାଇଲେ



ନୂଆଦିଲ୍ଲୀ,୨୨।୧୧: ଏବେ ପ୍ରାୟ ପ୍ରତିଦିନ ସୁନା ଓ ରୂପା ଦର ହ୍ରାସ ପାଉଛି। ଶନିବାର (ନଭେମ୍ବର ୨୧) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ନେଇ ସନ୍ତୋଷ ବ୍ୟକ୍ତ କରି କହିଲେ ଯେ, ଗତ ବର୍ଷ ତାଙ୍କ ଆହ୍ୱାନ ପରେ ଲୋକମାନେ ସୁନା କିଣିବା କମାଇ ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ସୁନା ଦର ହ୍ରାସ ପାଇବାର କାରଣ ହେଉଛି ଏହା। ଲକ୍ଷ୍ନୌସ୍ଥିତ ଇନ୍ଦିରା ଗାନ୍ଧୀ ପ୍ରତିଷ୍ଠାନରେ ଆୟୋଜିତ ପଞ୍ଚମ ଜାତୀୟ ଦକ୍ଷତା ସମାବର୍ତ୍ତନ (ଘବଂଶସକ୍ଟଭବଂକ ଝଳସକ୍ଷକ୍ଷ ଉକ୍ଟଭଙ୍ଗକ୍ଟମବଂଶସକ୍ଟଭ) କାର୍ଯ୍ୟକ୍ରମରେ ଉଦବୋଧନ ଦେବା ବେଳେ ପ୍ରଧାନମନ୍ତ୍ରୀ ମୋଦି କହିଲେ ଯେ, ବର୍ତ୍ତମାନ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ଏକ ବିଷୟକୁ ନେଇ ବହୁତ ଚର୍ଚ୍ଚା ହେଉଛି। ଏହି ଚର୍ଚ୍ଚାରେ ଲୋକମାନେ ଉଲ୍ଲେଖ କରୁଛନ୍ତି ଯେ, ୨୦୨୩ ମସିହାରେ ସଂସଦରେ ମୋଦି ପରାମର୍ଶ ଦେଇଥିଲେ ଯେ, ଲୋକମାନେ ନିଜର ଅର୍ଥ ଭାରତ ସରକାରଙ୍କ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ (ଚଝଟ) ଗୁଡ଼ିକ ଦ୍ୱାରା ଜାରି କରାଯାଇଥିବା ବଣରେ ନିବେଶ କରିବା ଉଚିତ। ପ୍ରଧାନମନ୍ତ୍ରୀ ମୋଦି କହିଲେ ଯେ, ଏହା ଲୋକମାନଙ୍କୁ ବହୁତ ଅର୍ଥ ଉପାର୍ଜନ କରିବାରେ ସାହାଯ୍ୟ କରିବ। ସେତେବେଳେ ଲୋକମାନେ ମୋତେ ଉପହାସ କରିଥିଲେ, କିନ୍ତୁ ଆଜି ଇତିହାସ ସାକ୍ଷୀ ଅଛି ଯେ ଯେଉଁମାନେ ନିବେଶ କରିଥିଲେ, ସେମାନେ ପ୍ରଚୁର ଅର୍ଥ ଉପାର୍ଜନ କଲେ। ସୁନା ଦର ହ୍ରାସ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦି କହିଲେ, 'ଗୋଟିଏ ବର୍ଷ ପୂର୍ବେ, ମୁଁ ମୋର ଦେଶବାସୀଙ୍କୁ ଅନୁରୋଧ କରିଥିଲି ଯେଯଦି ଆପଣଙ୍କର ତୁରନ୍ତ ଆବଶ୍ୟକତା ନାହିଁ, ତେବେ ଦୟାକରି ଗୋଟିଏ ବର୍ଷ ପାଇଁ ସୁନା କିଣିବାରୁ ନିବୃତ୍ତ ରୁହନ୍ତୁ। ମୁଁ ଖୁସି ଯେ, ଲୋକମାନେ ମୋ ଭଳି ଜଣେ ସାଧାରଣ ବ୍ୟକ୍ତିଙ୍କ କଥାକୁ ଗ୍ରହଣ କଲେ ଏବଂ ସୁନା କିଣିବା କମାଇ ଦେଲେ, ଯାହା ଫଳରେ ସୁନା ଦର ହ୍ରାସ ପାଇଲା।'

ସେ ଆହୁରି ମଧ୍ୟ କହିଲେ, 'ଆଜି ମୁଁ ଆପଣମାନଙ୍କୁ ଆଉ ଏକ କଥା କହିବାକୁ ଚାହେଁ। ଧ୍ୟାନ ଦେଇ ଶୁଣନ୍ତୁସମୟ ବଦଳୁଛି। ଆଗକୁ, କେବଳ କାଗଜର ପ୍ରମାଣପତ୍ର ଧରିଥିବା କିମ୍ବା ସୁଟ-ଟାଇ ପିନ୍ଧିଥିବା ଲୋକଙ୍କ ଅପେକ୍ଷା, ଦକ୍ଷ ବ୍ୟକ୍ତିଯେଉଁମାନଙ୍କ ପାଖରେ ପ୍ରକୃତ ପ୍ରତିଭା ଓ ପାରଦର୍ଶିତା ରହିଛିସେମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯିବ; ସେମାନଙ୍କ ଚାହିଦା ବୃଦ୍ଧି ପାଇବ।' ପ୍ରଧାନମନ୍ତ୍ରୀ ଆହୁରି କହିଲେ, 'ମୁଁ ଖୁସି ଯେ, ଯେପରି ଥରେ ଲାଲ ବାହାଦୁର ଶାସ୍ତ୍ରୀଜୀଙ୍କ ଆହ୍ୱାନ କ୍ରମେ ଲୋକମାନେ ଗୋଟିଏ ବେଳାର ଖାଦ୍ୟ ତ୍ୟାଗ କରିଥିଲେ, ଠିକ ସେହିପରି ଆମ ଦେଶବାସୀ ମୋ ଆହ୍ୱାନକୁ ମଧ୍ୟ ଗ୍ରହଣ କରିଛନ୍ତି। ଆମ ଦେଶର ଚରିତ୍ର ହିଁ ଏପରି।'

ନୀତୀଶ ସେତୁ'ରେ ହଙ୍ଗାମା

ତେଜସ୍ୱୀ ଜିନ୍ଦାବାଦ ସ୍ଲୋଗାନ କଲେ ଆର୍‌ଜେଡି କର୍ମୀ



ପାଟନା,୨୨।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଗଙ୍ଗା ନଦୀ କଛି ଦରଗାହ-ବିକ୍ରମପୁର ୬ ଲେନ୍ ବିଶିଷ୍ଟ ନୀତୀଶ ସେତୁର ଉଦଘାଟନ କରିଥିଲେ। ସେତୁ ଉଦଘାଟନ କାର୍ଯ୍ୟକ୍ରମ ପରେ, ନୀତିଶ ସେତୁ (ରାଘୋପୁର) ରେ ଏହି କାର୍ଯ୍ୟକ୍ରମ ସହିତ ଜଡିତ ବ୍ୟାନର, ପୋଷ୍ଟର ଏବଂ ପତାକା ଭାଙ୍ଗି ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯିବା ମାତ୍ରେ, କିଛି ସ୍ଥାନୀୟ ଲୋକ ସେଠାରେ ଏକାଠି ହୋଇ 'ତେଜସ୍ୱୀ ଯାଦବ ଜିନ୍ଦାବାଦ' ସ୍ଲୋଗାନ ଦେବା ଆରମ୍ଭ କରିଥିଲେ । ନୀତୀଶ ସେତୁ ଉପରେ ଆରଜେଡି ସମର୍ଥକଙ୍କ ହଙ୍ଗାମା ଦେଖିବାକୁ ମିଳିଛି । ନୀତୀଶ ସେତୁର ଏକ ଭିଡିଓ ସାମ୍ନାକୁ ଆସିଛି ଯେଉଁଥିରେ ଯୁବକମାନେ ବ୍ୟାନର, ପୋଷ୍ଟର, ପତାକା ଚିରି ସ୍ଲୋଗାନ ଦେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବୈଶାଳୀ ଜିଲ୍ଲାର ରାଜପାକର ବ୍ଲକର ଜାଫରପଟ୍ଟିରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବାକୁ ଆସିଥିଲେ। ବିହାରରେ ଏନଡିଏ ସରକାରଙ୍କ ଗୋଟିଏ ବର୍ଷ ପୂରଣ ହେବା ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ୟାନର, ପୋଷ୍ଟର, ପତାକା ଚିରି ସ୍ଲୋଗାନ ଦେବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । 'ଏହି ସେତୁ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ରାସ୍ତା ଖୋଲିବ'- ବିଜେପି ମୁଖପାତ୍ର ନୀରଜ କୁମାର କହିଛନ୍ତି, '୨୧ ନଭେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୈଶାଳୀରେ ୬ ଲେନ୍ ବିଶିଷ୍ଟ ନୀତିଶ ସେତୁର ଉଦଘାଟନ କରିଥିଲେ, ଯାହା ପ୍ରାୟ ୪,୨୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ଏହି ୯.୬୬ କିଲୋମିଟର ଲମ୍ବା ସେତୁ କଛି ଦରଘାକୁ ବିକ୍ରମପୁର ସହିତ ସଂଯୋଗ କରେ ଏବଂ ରାଘୋପୁର ସମେତ ଉତ୍ତର ଏବଂ ଦକ୍ଷିଣ ବିହାରର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ନୂତନ ରାସ୍ତା ଖୋଲିବ । ଏହା ମହାତ୍ମା ଗାନ୍ଧୀ ସେତୁରେ ଟ୍ରାଫିକ ଭିଡ଼କୁ ମଧ୍ୟ କମ୍ କରିବ।'

ଡଙ୍ଗା ବୁଡ଼ି ୨୪ ମୃତ

ନାଇଜେରିଆ,୨୨।୧୧: ନାଇଜେରିଆରେ ହୃଦୟବିଦାରକ ଡଙ୍ଗା ଦୁର୍ଘଟଣା । ଅନ୍ତିମ ସଂସ୍କାରରେ ଯୋଗଦେବାକୁ ଯାଉଥିବା ବେଳେ ନଦୀରେ ବୁଡ଼ିଗଲା ଯାତ୍ରୀବାହୀ ଡଙ୍ଗା । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଅତି କମରେ ୨୪ ଜଣଙ୍କ ଜୀବନ ଯାଇଛି । ଦକ୍ଷିଣ ନାଇଜେରିଆର ବାୟେଲସା ରାଜ୍ୟରେ ଗତ ଶୁକ୍ରବାର ଏହି ଅଘଟଣ ଘଟିଛି । ସୂଚନା ଅନୁଯାୟୀ, ଗୋଟିଏ ଅଞ୍ଚଳରୁ ଅନ୍ୟ ଏକ ଅଞ୍ଚଳକୁ ଅନ୍ତିମ ସଂସ୍କାରରେ ଯୋଗଦେବା ପାଇଁ ଡଙ୍ଗାରେ ଯାତ୍ରା କରୁଥିଲେ ଲୋକେ । ହେଲେ ରାସ୍ତାରେ ହଠାତ୍ ଡଙ୍ଗାଟି ନଦୀରେ ବୁଡ଼ିଯାଇଥିଲା । ଫଳରେ ଅନେକ ଯାତ୍ରୀ ଜଳମଗ୍ନ ହୋଇଯାଇଥିଲେ । ନାଇଜେରିଆର ନ୍ୟାସନାଲ୍ ଏମର୍ଜେନ୍ସି ମ୍ୟାନେଜମେଣ୍ଟ ଏଜେନ୍ସିର ମୁଖପାତ୍ର ମଞ୍ଜୋ ଏଜେକି ଏକ ବିବୃତି ଜରିଆରେ ଏହି ସୂଚନା ଦେଇଛନ୍ତି । ଦୁର୍ଘଟଣା ପରେ ଏବେ ମଧ୍ୟ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ତେବେ କେତେ ଜଣ ନିଖୋଜ ଅଛନ୍ତି, ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ । ଅନ୍ୟପକ୍ଷରେ ପୋଲିସ ମୁଖପାତ୍ର ମୁସା ମହମ୍ମଦଙ୍କ ସୂଚନା ଅନୁଯାୟୀ, ଦୁର୍ଘଟଣାରୁ ୨୪ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଛି । ଉଦ୍ଧାର ଯାତ୍ରୀମାନଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି । ତେବେ ଡଙ୍ଗାରେ ମୋଟ କେତେ ଜଣ ଯାତ୍ରୀ ଥିଲେ, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ । ପ୍ରାଥମିକ ତଦନ୍ତରୁ ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ଯାତ୍ରୀମାନେ ଡଙ୍ଗା ଚାଳକଙ୍କୁ କୂଳ ଆଡ଼କୁ ଯିବା ପାଇଁ କହିଥିଲେ ମଧ୍ୟ ସେ ଏହାକୁ ଅଣଦେଖା କରିଥିଲେ । ଏପରିକି ଦୁର୍ଘଟଣା ପରେ ଡଙ୍ଗା ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ଡଙ୍ଗାର ମ୍ୟାନେଜରଙ୍କୁ ଅଟକ ରଖିଛି ପୋଲିସ ।

ମେକ୍ସିକୋରେ ରାତିସାରା ଗୁଳିବିନିମୟ, ୧୧ ମୃତ

ମେକ୍ସିକୋ,୨୨।୧୧: ମେକ୍ସିକୋରେ ସୁରକ୍ଷା ବାହିନୀର ବଡ଼ ସଫଳତା । ଗିରଫ ହେଲା କୁଖ୍ୟାତ ଡ୍ରଗ୍ କାର୍ଟେଲ୍ ମୁଖିଆ 'ଏଲ୍ ଚାପୋ ଇସିଡ୍ରୋ' । ମେକ୍ସିକୋର ସିନାଲୋଆ ରାଜ୍ୟରେ ଏକ ବଡ଼ ଧରଣର ଅପରେସନ୍ କରି ଫାଉଣ୍ଡୋ ଇସିଡ୍ରୋ ମେଜା-ଫ୍ଲୋରେସକୁ ଗିରଫ କରିଛି ସୁରକ୍ଷା ବାହିନୀ । ଶୁକ୍ରବାର ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ଚାଲିଥିଲା ଭୟଙ୍କର ଗୁଳିବିନିମୟ । ଏଥିରେ ୭ ଜଣ ସନ୍ଦିଗ୍ଧ କାର୍ଟେଲ୍ ସଦସ୍ୟ ଏବଂ ମେକ୍ସିକୋର ୪ ଜଣ ସୈନିକଙ୍କ ମୃତ୍ୟୁ ହୋଇଛି । ଅପରେସନ୍ ପରେ ସମଗ୍ର ଗୁଆସାଭେ ସହରରେ ଖେଳିଯାଇଥିଲା ଆତଙ୍କ । ରାସ୍ତାରେ ଜଳୁଥିଲା ଟ୍ରକ୍ ଓ କାର୍ । ଚାରିଆଡ଼େ ଶୁଭୁଥିଲା ଗୁଳିମାଡ଼ର ଶବ୍ଦ । ଆକାଶରେ ଉଡୁଥିଲା ସାମରିକ ହେଲିକପ୍ଟର । ଭୟରେ ଘର ଓ ଦୋକାନ ଭିତରେ ଆଶ୍ରୟ ନେବାକୁ ବାଧ ହୋଇଥିଲେ ହଜାର ହଜାର ଲୋକ । ମେକ୍ସିକୋର ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଶନିବାର ଗିରଫ ପରେ ଏଲ୍ ଚାପୋ ଇସିଡ୍ରୋକୁ ସାମରିକ ବିମାନ ଯୋଗେ ରାଜଧାନୀ ମେକ୍ସିକୋ ସିଟିକୁ ନିଆଯାଇଛି । ସେ ଉଈଓର ୧୦ ଜଣ ସର୍ବାଧିକ ଚର୍ଚ୍ଚିତ ଫେରାର ଅପରାଧୀଙ୍କ ତାଲିକାରେ ରହିଥିଲା । ତା'ର ଗିରଫଦାରୀ ସମ୍ପର୍କରେ ସୂଚନା ପାଇଁ ଆମେରିକା ପକ୍ଷରୁ ୫୦ ଲକ୍ଷ ଡଲାର, ଅର୍ଥାତ୍ ପ୍ରାୟ ୪୨ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରୁ ଗୁଆସାଭେ ସହରରେ ଆରମ୍ଭ ହୋଇଥିଲା ଗୁଳିବିନିମୟ । ସହରର ବିଭିନ୍ନ ସ୍ଥାନରେ ଗୁଳିମାଡ଼ ସହ ଗାଡ଼ିଗୁଡ଼ିକରେ ନିଆଁ ଲଗାଇ ଦେଇଥିଲେ ସନ୍ଦିଗ୍ଧ କାର୍ଟେଲ୍ ସଦସ୍ୟ । ଏପରିକି ଏକ ବେସବଲ୍ ମ୍ୟାଚ୍ ଚାଲିଥିବା ସମୟରେ ଗୁଳି ଶବ୍ଦ ଶୁଣି ଜୀବନ ବଞ୍ଚାଇବାକୁ ଦୌଡ଼ିଥିଲେ ଲୋକେ ।

କାଶ୍ମୀରରେ ଆଉ ନାହାନ୍ତି ସ୍ଥାନୀୟ ଆତଙ୍କବାଦୀ

ନୂଆଦିଲ୍ଲୀ,୨୨।୧୧: ଦୀର୍ଘ ୩୫ ବର୍ଷର ଆତଙ୍କବାଦ ବିରୋଧୀ ଲଢ଼େଇରେ କାଶ୍ମୀର ପାଇଁ ଆସିଛି ଏକ ଐତିହାସିକ ମୁହୂର୍ତ୍ତ । ୧୯୮୯ ମସିହାରୁ ଆରମ୍ଭ ହୋଇଥିବା ଆତଙ୍କବାଦୀ କାର୍ଯ୍ୟକଳାପ ପରେ ପ୍ରଥମ ଥର ପାଇଁ କୌଣସି ସ୍ଥାନୀୟ ଆତଙ୍କବାଦୀ ସକ୍ରିୟ ନଥିବା ଜଣାପଡ଼ିଛି । ନଭେମ୍ବର ୧୮ ତାରିଖରେ ଦକ୍ଷିଣ କାଶ୍ମୀରର କୁଲଗାମ ଜିଲ୍ଲାରେ ସୁରକ୍ଷାବାହିନୀର ଏନକାଉଣ୍ଟରରେ ଲସ୍କର-ଏ-ତୋଇବାର ୨୨ ବର୍ଷୀୟ ଆତଙ୍କବାଦୀ ମହମ୍ମଦ ଲତିଫ ଭଟ୍ଟ ନିହତ ହୋଇଛି । ତାକୁ ଉପତ୍ୟକାର ଶେଷ ସକ୍ରିୟ ସ୍ଥାନୀୟ ଆତଙ୍କବାଦୀ ବୋଲି କୁହାଯାଉଛି । କିନ୍ତୁ ଏହି ସଫଳତା ପରେ ମଧ୍ୟ ସୁରକ୍ଷାବାହିନୀ କାହିଁକି ସମ୍ପୂର୍ଣ୍ଣ ଆଶ୍ୱସ୍ତ ହୋଇନାହାନ୍ତି ତାହା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ? ଦକ୍ଷିଣ କାଶ୍ମୀରର କୁଲଗାମ ଜିଲ୍ଲାର ଖ୍ରେଙ୍ଗାନ ଚାଡେର ଗାଁର ବାସିନ୍ଦା ଥିଲା ମହମ୍ମଦ ଲତିଫ ଭଟ୍ଟ । ପାଠପଢ଼ା ଅଧାରୁ ଛାଡ଼ିବା ପରେ ସେ କିଛି ସମୟ ଗ୍ଲାସ ଲଗାଇବା କାମ କରୁଥିଲା । ପରେ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବାରେ ସାମିଲ ହୋଇଥିଲା । ପ୍ରାୟ ଏକ ବର୍ଷ ଧରି ସେ ସୁରକ୍ଷାବାହିନୀର ନଜରରେ ରହିଥିଲା । ନଭେମ୍ବର ୧୮ ତାରିଖରେ କୁଲଗାମର ଜାଙ୍ଗଲପୋରା ଅଞ୍ଚଳରେ ସୁରକ୍ଷାବାହିନୀ ତାକୁ ଘେରି ରହିଥିଲେ । ଏହା ପୂର୍ବରୁ ତା'ର ସହଯୋଗୀ ଉମର ନିସାର ଦାର୍ ମଧ୍ୟ ଏକ ଏନକାଉଣ୍ଟରରେ ନିହତ ହୋଇଥିଲା । ସୁରକ୍ଷାବାହିନୀ ପକ୍ଷରୁ ଲତିଫକୁ ଆତ୍ମସମର୍ପଣ କରିବାକୁ ଭିଡିଓ କଲ୍ ମାଧ୍ୟମରେ ବୁଝାଯାଇଥିଲା । କିନ୍ତୁ ସେ ଆତ୍ମସମର୍ପଣ କରିବାକୁ ମନା କରିଦେଇଥିଲା । ଶେଷରେ ଗୁଳିବିନିମୟରେ ତାର ମୃତ୍ୟୁ ହୋଇଥିଲା ।

ଗୋଟିଏ ଦିନରେ ୩ ଦୁର୍ଘଟଣା ୧୯ ମୃତ, ୨୧ ଆହତ

ନୂଆଦିଲ୍ଲୀ,୨୨।୧୧: ଅଶୁଭ ରବିବାରରେ ଘଟିଛି ୩ ଦୁର୍ଘଟଣା । ୧୯ ଜଣ ମୃତ, ୨୧ ଗୁରତର ରହିଛନ୍ତି। ଏଭିତରୁ ଦୁଇଟି ଭୟଙ୍କର ଦୁର୍ଘଟଣା ରାଜସ୍ଥାନରେ ଘଟିଥିବା ବେଳେ ଅନ୍ୟଟି ଗୁଜରାଟରେ ଘଟିଛି । ବୁଲିବାକୁ ଯାଇଥିଲେ ଗୁଜରାଟ କଚ୍ଛର ଧଳା ରଣ, ଫେରିବା ବାଟରେ ଚାଲିଗଲା ଜୀବନ। ଗୋଟିଏ କାରରେ ଥିବା ୭ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଦୁଇ ଜଣ ଭାରତୀୟ ସେନାର ଯବାନ ଥିବାବେଳେ ତିନି ଜଣ ଛୋଟ ପିଲା,ତା ସହ ଗୁଜରାଟର କଚ୍ଛ ଜିଲ୍ଲାରେ ଘଟିଛି ଏକ ହୃଦୟବିଦାରକ ସଡ଼କ ଦୁର୍ଘଟଣା। ଏହି ଦୁର୍ଘଟଣାରେ ଉତ୍ତରାଖଣ୍ଡର ଗଡ଼ୱାଲ ଅଞ୍ଚଳର ଦୁଇଟି ପରିବାରର ୭ ଜଣଙ୍କ ଜୀବନ ଚାଲିଯାଇଛି। ମୃତକଙ୍କ ମଧ୍ୟରେ ଦୁଇ ଜଣ ସେନା ଯବାନ ଏବଂ ତିନି ଜଣ ଶିଶୁ ରହିଛନ୍ତି। ଛୁଟି କାଟିବାକୁ ଗୁଜରାଟ ଆସିଥିବା ପରିବାର ପାଇଁ ଏହି ଯାତ୍ରା ଶେଷ ଯାତ୍ରା ପାଲଟିଯାଇଛି। ଠିକ ସେହିପରି ଗତକାଲି ବିଳମ୍ବିତ ରାତିରେ କୋଟା-ଉଦୟପୁର ଜାତୀୟ ରାଜପଥରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୯ ଜଣଙ୍କ ମୃତ୍ୟୁ ହୋଇଛି । ରାଜପଥ କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍କୁ ଦ୍ରୁତଗାମୀ ଗାଡ଼ି ପଛପଟୁ ଧକ୍କା ଦେବାରୁ ଶିଶୁଙ୍କ ସମେତ ୯ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଭୟଙ୍କର ଦୁର୍ଘଟଣାରେ ଅନ୍ୟ ୬ ଜଣ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତାହତମାନେ ସମସ୍ତେ ଗୋଟିଏ ପରିବାରର ବୋଲି ଜଣା ପଡିଛି । ଆଉ ଗୋଟିଏ ଦୁଖଦଃ ଘଟଣା ଘଟିଛି,ରାଜସ୍ଥାନର ଯୋଧପୁରରେ ଗତକାଲି ମଧ୍ୟରାତ୍ରିରେ ଆଉ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ଏବଂ ଟ୍ରାଭେଲ୍ ଟେମ୍ପୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକ ଏବଂ ଆହତ ସମସ୍ତେ ଗୋଟିଏ ପରିବାରର ସଦସ୍ୟ ବୋଲି ଜଣାପଡିଛି। ଏହି ପରିବାର ଗୁଜରାଟରୁ ରାମଦେବରା ଅଭିମୁଖେ ଯାତ୍ରା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ପୋଲିସ ଘଟଣା ନେଇ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଗୁଡ଼ିକ ପୁଣିଥରେ ଜାତୀୟ ରାଜପଥରେ ସଡ଼କ ସୁରକ୍ଷା ଏବଂ ଦ୍ରୁତଗତିରେ ଗାଡ଼ି ଚାଳନାକୁ ନେଇ ପ୍ରଶ୍ନ ଉଠାଇଛି।

ଐତିହାସିକ ଯାତ୍ରାରେ ଭାରତ ପହଞ୍ଚିଲେ ବାଲେନ ଶାହ

ପ୍ରଧାନମନ୍ତ୍ରୀ-ରାଷ୍ଟ୍ରପତିଙ୍କ ପାଇଁ ଆଣିଲେ ସ୍ୱତନ୍ତ୍ର ଉପହାର



ନୂଆଦିଲ୍ଲୀ,୨୨।୧୧: ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର 'ବାଲେନ' ଶାହ ଦୁଇ ଦିନିଆ ଗସ୍ତରେ ଭାରତ ଆସିଛନ୍ତି। ପଦଭାର ଗ୍ରହଣ କରିବା ପରେ ଭାରତକୁ ତାଙ୍କର ଏହା ପ୍ରଥମ ଗସ୍ତ ଏବଂ ଏହା ତାଙ୍କର କୌଣସି ବିଦେଶୀ ରାଷ୍ଟ୍ରକୁ ମଧ୍ୟ ପ୍ରଥମ ଗସ୍ତ ଅଟେ। ଏହି ଗସ୍ତ ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମୂର୍ତ୍ତି ଉପହାର ଦେବେ। ବିଶେଷ ଭାବରେ, ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ 'ରାତୋ ମଚ୍ଛିନ୍ଦ୍ରନାଥ'ଙ୍କ ଏକ ମୂର୍ତ୍ତି ଉପହାର ସ୍ୱରୂପ ପ୍ରଦାନ କରିବେ। ଏହି ଦେବତା ନେପାଳର ଧାର୍ମିକ, ସାଂସ୍କୃତିକ ଏବଂ ଐତିହାସିକ ପରିଚୟ ସହିତ ଗଭୀର ଭାବରେ ଜଡ଼ିତ ଏବଂ କାଠମାଣ୍ଡୁ ଉପତ୍ୟକାରେ ଏକ ପ୍ରମୁଖ ଦେବତା ଭାବରେ ପୂଜା ପାଆନ୍ତି। ପାରମ୍ପରିକ ନେପାଳୀ ବିଶ୍ୱାସ ଅନୁଯାୟୀ, ଲିଚ୍ଛବି ବଂଶର ରାଜା ନରେନ୍ଦ୍ର ଦେବ 'ରାତୋ ମଚ୍ଛିନ୍ଦ୍ରନାଥ'ଙ୍କୁ ବର୍ତ୍ତମାନର ଆସାମ ରାଜ୍ୟରୁ କାଠମାଣ୍ଡୁ ଉପତ୍ୟକାକୁ ଆଣିଥିଲେ। ନେପାଳର ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ମୁର୍ମୁଙ୍କୁ କାଠମାଣ୍ଡୁର ଚାବାହିଲରେ ଅବସ୍ଥିତ 'ଚାରୁମତୀ ବିହାର' ସହ ଜଡ଼ିତ ଏକ ମୂର୍ତ୍ତି ଉପହାର ସ୍ୱରୂପ ପ୍ରଦାନ କରିବେ। ଏହି ବିହାର(ମଠ)ର ଇତିହାସ ମୌର୍ଯ୍ୟ ସମ୍ରାଟ ଅଶୋକ ଏବଂ ତାଙ୍କ କନ୍ୟା ଚାରୁମତୀଙ୍କ ସହ ଜଡ଼ିତ ରହିଛି। ପାରମ୍ପରିକ କାହାଣୀ ଅନୁଯାୟୀ, ସମ୍ରାଟ ଅଶୋକ ନିଜ କନ୍ୟାଙ୍କ ସହ କାଠମାଣ୍ଡୁ ଉପତ୍ୟକା ପରିଦର୍ଶନ କରିଥିଲେ। ପରବର୍ତ୍ତୀ ସମୟରେ, ତାଙ୍କ କନ୍ୟା ଦେବପାଳ ନାମକ ଜଣେ ସ୍ଥାନୀୟ ରାଜକୁମାରଙ୍କୁ ବିବାହ କରି ଦେବପାଟନ ଅଞ୍ଚଳରେ ବସବାସ କରିଥିଲେ। ବିଶ୍ୱାସ କରାଯାଏ ଯେ, ଚାରୁମତୀ ନିଜେ ଏହି ଅଞ୍ଚଳରେ ଏହି ବିହାର ସ୍ଥାପନ କରିଥିଲେ ଏବଂ ଏଠାରେ ହିଁ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନିମନ୍ତ୍ରଣ କ୍ରମେ, ଶାହ ନଭେମ୍ବର ୨୨-୨୩ ତାରିଖରେ ଭାରତ ଗସ୍ତ କରୁଛନ୍ତି। ଚଳିତ ସପ୍ତାହ ଆରମ୍ଭରେ ଏକ ବିବୃତ୍ତିରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଗରଇ) କହିଛି ଯେ, ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ନିୟମିତ ଉଚ୍ଚସ୍ତରୀୟ ଆଲୋଚନା ଓ ସମ୍ପର୍କର ପରମ୍ପରାକୁ ବଜାୟ ରଖିଛି। ଏହା 'ପଡ଼ୋଶୀ ପ୍ରଥମ' (ଘରସଶଷଭକ୍ଟଙ୍କଂଷକ୍ଟକ୍ଟୟ ରସକ୍ଟସ୍ପଶ୍ପ) ନୀତି ଅଧୀନରେ ନେପାଳ ସହ ଥିବା ସମ୍ପର୍କକୁ ଭାରତ କେତେ ଗୁରୁତ୍ୱ ଦିଏ, ତାହା ସ୍ପଷ୍ଟ କରୁଛି। ମନ୍ତ୍ରଣାଳୟ ଆହୁରି ମଧ୍ୟ କହିଛି, 'ଏହା ଦ୍ୱିପାକ୍ଷିକ ଭାଗୀଦାରୀକୁ ଆହୁରି ସୁଦୃଢ଼

ଭୁବନେଶ୍ୱର, ସୋମବାର ୨୩ ନଭେମ୍ବର ୨୦୨୬ ମଇଦାନ୍
Bhubaneswar, Monday 23 November 2026
ମହାଭରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ

ପ୍ରଥମ ଇନିଂସରେ ଭାରତର ବୃହତ୍ ସ୍କୋର

ନୂଆଦିଲ୍ଲୀ,୨୨।୧୧: ଟେଷ୍ଟ୍ ସିରିଜର ପ୍ରଥମ ମୁକାବିଲାରେ ଦମଦାର ସ୍ଥିତିରେ ରହିଛି ଭାରତ । ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ଦବଦବା ଜାହିର କରିଛି । ମୁକାବିଲାରେ ଚତୁର୍ଥ ଦିନର ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ୨ ୱିକେଟ୍ ହରାଇ ୧୧୯ ରନ୍ କରିଛି । ଡେଭନ୍ କନଓ୍ୱେ ୫୯ ଏବଂ ରଚୀନ ରବୀନ୍ଦ୍ର ୨୬ ରନରେ ନଟଆଉଟ୍ ରହିଛନ୍ତି । ତଥାପି ଦଳ ଭାରତଠୁ ୨୩୩ ରନ୍ ପଛରେ ରହିଛି । ଏହାସହ ପରାଜୟ ଏଡାଇବାକୁ ଚେଷ୍ଟା କରୁଛି । ଭାରତକୁ ବିଜୟ ପାଇଁ ଆଉ ୮ ୱିକେଟ୍ ଦରକାର ରହିଛି ।

ଟିମ୍ ଇଣ୍ଡିଆ ପ୍ରଥମ ଇନିଂସରେ ୭୨୦ ରନର ବିଶାଳ ସ୍କର ଛିଡା କରିଛି । ପ୍ରଥମ ପାଳି ଆଧାରରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୩୫୨ ରନରେ ଆଗୁଆ ରହିଥିଲା । ମ୍ୟାଚରେ ଶୁଭମନ୍ ଗିଲ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ । ଯାହା ଦଳ ପାଇଁ ବରଦାନ ସାବ୍ୟସ୍ତ ହୋଇଥିଲା । କିୱି ଟିମ୍ ପ୍ରଥମ ପାଳିରେ ୩୬୮ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଦ୍ୱିତୀୟ ପାଳିରେ କିୱି ଟିମର ଆରମ୍ଭ ଅତି ଖରାପ ଥିଲା । ଜସପ୍ରିତ ବୁମରା ଇନିଂସର ଦ୍ୱିତୀୟ ବଲରେ ଅଧିନାୟକ ଟମ୍ ଲାଥମଙ୍କୁ ଆଉଟ୍ କରିଥିଲେ । ସେ ଖାତା ଖୋଲିପାରିନଥିଲେ । ଏହାପରେ କନଓ୍ୱେ ଏବଂ ହେନରୀ ନିକୋଲାସ ସ୍ଥିତି ସମ୍ଭାଳି ୬୦ ରନର ପାର୍ଟନରସିପ୍ କରିଥିଲେ । ଏହାପରେ ହେନରୀଙ୍କୁ ୩୧ ରନରେ ପ୍ରସିଦ୍ଧ କ୍ରିଷ୍ଣା ଆଉଟ୍ କରିଥିଲେ । କିନ୍ତୁ ରଚୀନ ଏବଂ କନଓ୍ୱେ ଆଉ ୱିକେଟ୍ ହରାଇବାକୁ ଦେଇନଥିଲେ ।

ଦ୍ୱିତୀୟ ଦିନ ଅସମାପ୍ତ ଖେଳ ୧୫୯/୧ରୁ ଭାରତ ନିଜର ତୃତୀୟ ଦିନର ବ୍ୟାଟିଂ ଆରମ୍ଭ କରିଥିଲା । କ୍ରିଜରେ କେଏଲ ରାହୁଲ ୫୨ ରନ ଓ ଦେବଦତ୍ତ ପାଡିକଲ ୧୬ ରନ କରି ଅପରାଜିତ ଥିଲେ । ଉଭୟ ବ୍ୟାଟର ତୃତୀୟ ଦିନରେ କିୱି ବୋଲରଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ।



ଏହି କ୍ରମରେ ପାଡିକଲ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । ଦୁଇ ବ୍ୟାଟର ଦମଦାର ବ୍ୟାଟିଂ କରି ଦ୍ୱିତୀୟ ୱିକେଟ୍ ପାଇଁ ୧୬୫ ରନର ଯୋଡ଼ି ଭାରତର ସ୍ଥିତି ଆହୁରି ମଜବୁତ କରିଥିଲେ ।ଦଳୀୟ ସ୍କର ୨୯୫ରେ ପାଡିକଲ ୮୦ ରନ କରି ଆଉଟ୍ ହୋଇଥିଲେ । ଏହା ପରେ ଇନିଂସକୁ ଆଗକୁ ବଢାଇଥିଲେ କେଏଲ ରାହୁଲ ଓ ଅଧିନାୟକ ଶୁଭମନ ଗିଲ୍ । ରାହୁଲ ନିଜର ଟେଷ୍ଟ କ୍ୟାରିୟରରେ ୧୩ତମ ଶତକ ହାସଲ କରିଥିଲେ । ଉଭୟ ତୃତୀୟ ୱିକେଟ୍ ଭାଗିଦାରୀରେ ୯୧ ରନ ଯୋଡ଼ିଥିଲେ । କେଏଲ ରାହୁଲ ୯ ଚୌକା ଓ ୨ ଛକା ବଳରେ ୧୩୬ ରନ କରି ଆଉଟ୍ ହୋଇଥିଲେ ।

ଏହା ପରେ ଗିଲ୍ ଓ ଋଷଭ ପନ୍ତ ଦ୍ରୁତ ବ୍ୟାଟିଂ କରିଥିଲେ । ଦୁଇ ବ୍ୟାଟର ୧୦୦ ରନ ଯୋଡ଼ିବା ସହ ନିଜ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ତେବେ ଦିନର ଶେଷ ଓଭରରେ ଗିଲ୍ ଆଉଟ୍ ହେବା ଭାରତକୁ ବଡ଼ ଝଟକା ଦେଇଛି । ଗିଲ୍ ୯୮ ରନ କରି ଆଉଟ୍ ହେବା ସହ ଶତକରୁ ବଞ୍ଚିତ ହୋଇଥିଲେ । ଏହିପରି ତୃତୀୟ ଦିନର ଷଷ୍ଠ ଅପସାରଣ ସୁଦ୍ଧା ଭାରତ ୪ ୱିକେଟ୍ ହରାଇ ୪୮୬ ରନ କରିଥିଲା ।ପନ୍ତ ଦିନିକିଆ ଶୈଳୀରେ ବ୍ୟାଟିଂ କରି ୬୨ ବଲରୁ ୫ ଚୌକା ଓ ୨ ଛକା ସହ ୫୫ ରନ କରି ଅପରାଜିତ ରହିଥିଲେ ।ତେବେ ଚତୁର୍ଥ ଦିନରେ ପନ୍ତ ଶତକ ହାସଲ କରିଥିଲେ । ତାଙ୍କ ସହ ଧ୍ରୁବ ଜୁରେଲ ମଧ୍ୟ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଫଳରେ ଦଳ ୯ ୱିକେଟ୍ ହରାଇ ୭୨୦ ରନର ବିଶାଳ ସ୍କୋର କରିପାରିଥିଲା ।

ୱେଲିଂଟନରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି । ଭାରତୀୟ ବ୍ୟାଟଙ୍କ ରାଜୁତିରେ ଟିମ୍ ଇଣ୍ଡିଆ ମଜବୁତ ସ୍ଥିତିରେ ରହିଛି । ଟିମ୍ ଇଣ୍ଡିଆର ୫ ଜଣ ପ୍ଲେୟାର ଦମଦାର ବ୍ୟାଟିଂ କରିଛନ୍ତି । କେଏଲ୍ ରାହୁଲ, ଦେବଦତ୍ତ ପାଡିକଲ, ଶୁଭମନ ଗିଲ, ଋଷଭ ପନ୍ତ, ଧ୍ରୁବ ଜୁରେଲ୍, ଯଶସ୍ୱୀ ଜୈସ୍ୱାଲ ଦମଦାର ବ୍ୟାଟିଂ କରିଛନ୍ତି । ନ୍ୟୁଜିଲାଣ୍ଡ ଆଗରେ ଭାରତ ପ୍ରଥମ ଇନିଂସରେ ୭୨୦ ରନ୍ କରିଛି । ଏହା ଟେଷ୍ଟ କ୍ରିକେଟରେ ଭାରତ ବଡ଼ ସ୍କର । ଏହି ରନ୍ ସହିତ ଭାରତ ୧୦ ମହାରେକର୍ଡ କରିଛି । ୨୭ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଛି । ଏହା ପୂର୍ବରୁ ଭାରତ ୨୭ ବର୍ଷ ତଳେ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୯୯୯ରେ ଅହମ୍ମଦାବାଦରେ ବଡ଼ ସ୍କୋରର କରିଥିଲା । ୭ ୱିକେଟ୍ ହରାଇ ୫୮୩ ରନ୍ କରି ପାଳି ଘୋଷଣା କରିଥିଲା । ସେହି ମ୍ୟାଚ୍ ଡ୍ର ରହିଥିଲା ।

ବିଦେଶ ମାଟିରେ ରେକର୍ଡ

ୱେଲିଂଟନ୍ ଟେଷ୍ଟର ପ୍ରଥମ ଇନିଂସରେ ଭାରତକୁ ୯ ୱିକେଟରେ ୭୨୦ ରନ କରିବାରେ ଭାରତର ବ୍ୟାଟରଙ୍କ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପ୍ରଥମ ଇନିଂସରେ ଭାରତ ୨ଟି ଶତକ ଏବଂ ୩ଟି ଅର୍ଦ୍ଧଶତକ ହାସଲ କରିଥିଲା । ଭାରତର ଶ୍ରେଷ୍ଠ ପାଞ୍ଚ ଜଣ ବ୍ୟାଟର ୮୦ରୁ ଅଧିକ ସ୍କର କରିଛନ୍ତି । ଟେଷ୍ଟ କ୍ରିକେଟରେ ଏହି ସଫଳତା ହାସଲ କରିବାରେ ଭାରତ ଦ୍ୱିତୀୟ ଦଳ ହୋଇଛି । ପୂର୍ବରୁ, ପାକିସ୍ତାନର ଶ୍ରେଷ୍ଠ ୫ ଜଣ ବ୍ୟାଟର ୨୦୧୪ ରେ ଆବୁଧାବିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏପରି କରିଥିଲେ । ଏହା ସହିତ ଭାରତ ନ୍ୟୁଜିଲାଣ୍ଡରେ ଦ୍ୱିତୀୟ ଥର ୫୦୦ ପ୍ଲସ୍ ରନ୍ କରିଛି । ଏହା ପୂର୍ବରୁ ୨୦୦୯ରେ ହାମିଲଟନରେ ଗୋଟିଏ ଇନିଂସରେ ୫୨୦ ରନ୍ କରିଥିଲା ।ଭାରତ ନ୍ୟୁଜିଲାଣ୍ଡ ମାଟିରେ ସର୍ବାଧିକ ଟେଷ୍ଟ ସ୍କୋର କରିଛି, ପୂର୍ବରୁ ୨୦୧୯ରେ ବାଂଲାଦେଶ ବିପକ୍ଷରେ ୭୧୫ରନ୍ କରିଥିଲା ନ୍ୟୁଜିଲାଣ୍ଡ । ନ୍ୟୁଜିଲାଣ୍ଡରେ ସର୍ବାଧିକ ଟେଷ୍ଟ ସ୍କର ତାଲିକାରେ ଭାରତ ପ୍ରଥମରେ ରହିଛି ।ଭାରତ ଘର ବାହାରେ ତାର ସର୍ବାଧିକ ଟେଷ୍ଟ ସ୍କର କରିଛି । ୨୦୧୦ରେ ଶ୍ରୀଲଙ୍କା ବିପକ୍ଷରେ ୭୦୭ ରନ୍ କରିଥିଲା ।ୱେଲିଂଟନର ବେସିନ ରେଜର୍ଭ ଷ୍ଟାଡିୟମରେ ପ୍ରଥମ ଇନିଂସରେ କୌଣସି ଟିମ୍ ୭୨୦ ରନ୍ କରିଛି । ଏହି ଗ୍ରାଉଣ୍ଡରେ ସର୍ବାଧିକ ସ୍କୋର ।ଟିମ୍ ଇଣ୍ଡିଆ ପଞ୍ଚମ ଥର ୭୦୦ ରନ୍ କରିଛି । ବିଶ୍ୱ ରେକର୍ଡ ଶ୍ରୀଲଙ୍କା ନାମରେ ରହିଛି । ସେ ୭ ଥର ଏପରି କରିଛି । ନ୍ୟୁଜିଲାଣ୍ଡ ମାଟିରେ ଭାରତ ୭୦୦ ରନ୍ ପାର କରିଥିବା ପ୍ରଥମ ଭ୍ରମଣକାରୀ ଟିମ୍ ହୋଇଛି ।. ୭୨୦ ରନ୍ ଟେଷ୍ଟ ମ୍ୟାଚରେ ନ୍ୟୁଜିଲାଣ୍ଡ ବିପକ୍ଷରେ ସବୁଠୁ ବଡ଼ ସ୍କର । ଏହା ପୂର୍ବରୁ ୧୯୯୫ରେ ୱେଷ୍ଟଇଣ୍ଡିଜ ୫ ୱିକେଟ୍ ହରାଇ ୬୬୦ ରନ୍ କରିଥିଲା ।୧୯୯୫ରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା । ଗତ ୭୧ ବର୍ଷରେ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ଟେଷ୍ଟରେ ସର୍ବାଧିକ ସ୍କୋର । ଟେଷ୍ଟ କ୍ରିକେଟ ଇତିହାସରେ ଭାରତ ପ୍ରଥମ ଦଳ ଭାବରେ ଗୋଟିଏ ଇନିଂସରେ ପ୍ରଥମ ୭ ୱିକେଟ ପାଇଁ ୫୦ରୁ ଅଧିକ ରନର ଭାଗୀଦାରୀ ରେକର୍ଡ କରିଛି ।ଏହା ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ସର୍ବାଧିକ ସ୍କୋର । ପୂର୍ବରୁ, ଟିମ୍ ଇଣ୍ଡିଆ ୧୯୯୯ରେ ଅହମ୍ମଦାବାଦ ଟେଷ୍ଟରେ କିୱି ବିପକ୍ଷରେ ୫୮୩ ରନ୍ କରିଥିଲା ।

ନ୍ୟୁଜିଲାଣ୍ଡ ବିପକ୍ଷ ହକି ଶୃଙ୍ଖଳା ଜିତିଲା ଭାରତ: ଶେଷ ମ୍ୟାଚ୍ ୨-୨ରେ ଶେଷ

ଅକ୍‌ଲାଣ୍ଡ: ନ୍ୟୁଜିଲାଣ୍ଡ ଗସ୍ତରେ ଭାରତ ୩ ମ୍ୟାଚ୍ ବିଶିଷ୍ଟ ହକି ଶୃଙ୍ଖଳାକୁ ୧-୦ରେ ଜିତି ନେଇଛି। ରବିବାର ସ୍ଥାନୀୟ ଲୟଡ୍ ଏଲ୍‌ଜମୋର ହକି ଷ୍ଟାଡିୟମ୍‌ରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଏହି ଶୃଙ୍ଖଳାର ଶେଷ ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ରହିଥିଲା। ଏହା ପୂର୍ବ ମ୍ୟାଚ୍ ମଧ୍ୟ ୨-୨ରେ ଅମୀମାଂସିତ ରହିଥିଲା। ହେଲେ ପ୍ରଥମ ମ୍ୟାଚ୍‌କୁ ଭାରତ ୩-୨ରେ ଜିତି ଥିବାରୁ ଶୃଙ୍ଖଳା କବ୍‌ଜା କରି ନେଇଥିଲା।

ଘରୋଇ ଦଳକୁ ପ୍ରାରମ୍ଭିକ ଅଗ୍ରଣୀ

ରବିବାର ମ୍ୟାଚ୍‌ର ନବମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଥୋମାସ ଡିଲାନ୍ ଗୋଲ୍‌ରେ ପରିଣତ କରି ଘରୋଇ ଦଳକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ପ୍ରଥମ କ୍ୱାର୍ଟର ପଛରେ ପଡ଼ିଥିବା ଭାରତ ଦ୍ୱିତୀୟ କ୍ୱାର୍ଟରରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ୧୬ତମ ମିନିଟ୍‌ରେ ଦଳକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ସଞ୍ଜୟ ସ୍ଥିତି ସମାନ କରିଥିଲା। ଏହାର ୨ ମିନିଟ୍ ପରେ ସେଲଭାମ କାର୍ତ୍ତି (୧୮ ମିନିଟ୍) ଫିଲ୍ଡ ଗୋଲ୍ ଦେଇ ଭାରତକୁ ୨-୧ରେ ଆଗୁଆ କରିଥିଲେ। ତୃତୀୟ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ହେଲେ ଚତୁର୍ଥ କ୍ୱାର୍ଟରରେ ବେଞ୍ଜି କୁଲହାନେ (୫୫ ମିନିଟ୍) ଫିଲ୍ଡ ଗୋଲ୍ ଦେଇ ସ୍ଥିତି ବରାବର କରିଥିଲେ।

ବିଜେପିରେ ସାମିଲ ହେଲେ କ୍ରିକେଟର ଚହଲ

ମିଳିଲା ଓବିସି ମୋର୍ଚ୍ଚା ଜାତୀୟ କାର୍ଯ୍ୟକାରିଣୀରେ ଦାୟିତ୍ୱ



ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ଷ୍ଟାର ସ୍ପିନର ଯୁଜବେନ୍ଦ୍ର ଚହଲ କଲେ ରାଜନୀତିରେ ଏଣ୍ଟ୍ରି । ବିଜେପିରେ ସାମିଲ ହୋଇଛନ୍ତି ଚହଲ । ରାଜନୀତିରେ ନୂଆ ଇନିଂସ ଆରମ୍ଭ କରିଛନ୍ତି । ଶନିବାର ସେ ଦଳରେ ସାମିଲ ହେବା ପରେ ମଧ୍ୟ ବଡ଼ ଦାୟିତ୍ୱ । ବିଜେପି ଓବିସି (ଓଇଉ) ମୋର୍ଚ୍ଚାର ଜାତୀୟ କାର୍ଯ୍ୟକାରିଣୀରେ 'ବିଶେଷ ଆମନ୍ତ୍ରିତ ସଦସ୍ୟ' ଭାବେ ନିଯୁକ୍ତ କରିଛି ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ନିର୍ଦ୍ଦେଶକ୍ରମେ ଓବିସି ମୋର୍ଚ୍ଚାର ନୂଆ କମିଟି ଗଠନ ଓ ପୁନର୍ଗଠନ ପ୍ରକ୍ରିୟାରେ ଚହଲଙ୍କୁ ଏହି ଦାୟିତ୍ୱ ମିଳିଛି । ଓବିସି ମୋର୍ଚ୍ଚା ସଭାପତି ତଥା ରାଜ୍ୟସଭା ସାଂସଦ ଅମରପାଲ ମୌର୍ଯ୍ୟଙ୍କ ପକ୍ଷରୁ ଜାରି ସୂଚନା ଅନୁଯାୟୀ ଏହି ନିଯୁକ୍ତି ତୁରନ୍ତ ଲାଗୁ ହୋଇଛି । ଚହଲଙ୍କ ବ୍ୟତୀତ ବିଭିନ୍ନ ରାଜ୍ୟର ବରିଷ୍ଠ ନେତାମାନଙ୍କୁ ମଧ୍ୟ ଓବିସି ମୋର୍ଚ୍ଚାର ଜାତୀୟ ପଦାଧିକାରୀ ଭାବେ ନିଯୁକ୍ତ କରାଯାଇଛି । ଓଡ଼ିଶାର ମମତା ମହାନ୍ତଙ୍କୁ ଓବିସି ମୋର୍ଚ୍ଚା ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି ।ଅନ୍ୟମାନଙ୍କ ମଧ୍ୟରେ ଆସାମରୁ ଜୋଗେନ ମୋହନ, ଉତ୍ତର ପ୍ରଦେଶରୁ ସଙ୍ଗମ ଲାଲ ଗୁପ୍ତା ଓ ସଙ୍ଗୀତା ବଲବନ୍ତ ବିନ୍ଦ, ମହାରାଷ୍ଟ୍ରରୁ ବବନରାଓ ରାଓଜୀ ଚୌଧୁରୀ, ଦିଲ୍ଲୀରୁ ସତପ୍ରକାଶ ରାଣା ଏବଂ ବିହାରରୁ ଅର୍ଜୁନ ସାହାଣୀ ରହିଥିବାବେଳେ ଜାତୀୟ ସାଧାରଣ ସମ୍ପାଦକ ଭାବେ ଦିଲ୍ଲୀରୁ ଗଜେନ୍ଦ୍ର ଯାଦବ, କର୍ଣ୍ଣାଟକରୁ ପ୍ରମୋଦ ମଧ୍ୱରାଜ ଏବଂ ଛତିଶଗଡ଼ରୁ ଲଳିତ ଚନ୍ଦ୍ରାକର ରହିଛନ୍ତି ।

ପଞ୍ଜାବକୁ ପାଣ୍ଡ୍ୟାଙ୍କ ଆଗମନକୁ ନେଇ ପଣ୍ଟିଂଙ୍କ ମନ୍ତବ୍ୟ

ନୂଆଦିଲ୍ଲୀ,୨୨/୧୧; ଏମଆଇ ଛାଡ଼ି ପଞ୍ଜାବ କିଙ୍ଗ୍ସ ପକ୍ଷରୁ ଆଇପିଏଲ ୨୦୨୬ ଖେଳିବେ ହାର୍ଦ୍ଦିକ ପାଣ୍ଡ୍ୟା । ନୂଆ ଫ୍ରାଞ୍ଚାଇଜରେ ପାଣ୍ଡ୍ୟାଙ୍କ ଯୋଗଦାନ ପୂର୍ବରୁ ପଞ୍ଜାବର ମୁଖ୍ୟ ପ୍ରଶିକ୍ଷକ ରିକି ପଣ୍ଟିଂ ବେଶ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି । ହାର୍ଦ୍ଦିକଙ୍କ ଆଗମନରେ ଦଳ ସନ୍ତୁଳିତ ହେବ ବୋଲି ପ୍ରକାଶ କରିଛନ୍ତି । ଜିଓଷ୍ଟାର ସହିତ କଥାବାର୍ତ୍ତାରେ ପଣ୍ଟିଂ କହିଛନ୍ତି ଯେ ଟ୍ରେଡ୍ ଜରିଆରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦଳରେ ଅଣାଯାଇଛି ଏବଂ ଅର୍ଶଦୀପ ସିଂହଙ୍କୁ ଅନ୍ୟ ଦଳକୁ ପଠାଯାଇଛି । ତାଙ୍କ ମତରେ ଏବେ ଦଳର ସ୍କ୍ୱାଡ୍ ବେଶ୍ ସନ୍ତୁଳିତ ହୋଇଛି ଏବଂ ଦଳରେ ଅଲରାଉଣ୍ଡରଙ୍କ ସଂଖ୍ୟାକୁ ନେଇ ମଧ୍ୟ ବ୍ୟାପକ ଚର୍ଚ୍ଚା ଚାଲିଛି ।

ପଣ୍ଟିଂଙ୍କ କହିବା ଅନୁଯାୟୀ ହାର୍ଦ୍ଦିକଙ୍କ ବ୍ୟତୀତ ଦଳରେ ମାର୍କ ଜାନସେନ, ମାର୍କସ ଷ୍ଟୋଇନିସ୍, ଆଜମତୁଲ୍ଲା ଓମରଜାଇ, ସୂର୍ଯ୍ୟାଂଶ ଶେଡଗେ, ଶଶାଙ୍କ ସିଂହ ଏବଂ କୁପର କନୋଲି ଭଳି ଖେଳାଳି ରହିଛନ୍ତି, ଯେଉଁମାନେ ଭିନ୍ନ ଭିନ୍ନ ଭୂମିକାରେ ଅବଦାନ ରଖିପାରିବେ । ସ୍ପିନ୍ ବୋଲିଂ ଅଲରାଉଣ୍ଡର ଏବଂ ଫାଷ୍ଟ ବୋଲିଂ ଅଲରାଉଣ୍ଡର ଉଭୟ କ୍ଷେତ୍ରରେ ଦଳ ପାଖରେ ଭଲ ବିକଳ୍ପ ଥିବାରୁ ଦଳ ଗଠନରେ ସହଜ ହେବ ବୋଲି ସେ କହିଛନ୍ତି। କହି ରଖୁଛୁ କି,ଦ୍ରୁତ ବୋଲର ଅର୍ଶଦୀପ ସିଂହଙ୍କ ବଦଳରେ ପଞ୍ଜାବ କିଙ୍ଗ୍ସ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦଳରେ ସାମିଲ କରିଛି, ଯେଉଁଥିରେ ହାର୍ଦ୍ଦିକଙ୍କ ମୂଲ୍ୟ ୧୮ କୋଟି ଟଙ୍କା ରହିଛି । ଆସନ୍ତା ବର୍ଷ ହେବାକୁ ଥିବା ମେଗା ନିଲାମ ପୂର୍ବରୁ ଗତ ତିନି ବର୍ଷର ସାଇକଲକୁ ଦୃଷ୍ଟିରେ ରଖି ପଞ୍ଜାବ ୧୯ ଜଣ ଖେଳାଳିଙ୍କୁ ରିଟେନ୍ କରିଛି ଏବଂ ୬ ଜଣ ଖେଳାଳିଙ୍କୁ ରିଲିଜ୍ କରିଛି। ଅନ୍ୟପଟେ ରାଜସ୍ଥାନ ରୟାଲ୍ସର ମୁଖ୍ୟ କୋଚ୍ କୁମାର ସାଙ୍ଗାକାରା ଶିମରନ୍ ହେଟମାୟରଙ୍କୁ ରିଲିଜ୍ କରିବାର କାରଣ ସ୍ପଷ୍ଟ କରିଛନ୍ତି। ତାଙ୍କ କହିବା ମୁତାବକ ହେଟମାୟର ଗତ ଦେଢ଼ ବର୍ଷ ଧରି ବ୍ୟାଟିଂ କ୍ରମରେ ଭିନ୍ନ ସ୍ଥାନରେ ଖେଳିବାକୁ ଇଚ୍ଛା ପ୍ରକାଶ କରୁଥିଲେ।

ହକି : ଦକ୍ଷିଣ କୋରିଆକୁ ୨-୧ରେ ଦେଲା ମାତ୍



ନୂଆଦିଲ୍ଲୀ,୨୨/୧୧; ମାଲେସିଆ ପରେ ଦକ୍ଷିଣ କୋରିଆକୁ ମାତ୍ ଦେଲା ଭାରତ । ବ୍ୟାକ୍ ଟୁ ବ୍ୟାକ୍ ବିଜୟ । ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫି ହକିର ନବମ ସଂସ୍କରଣରେ ଭାରତ କ୍ରମାନ୍ୱୟରେ ଦ୍ୱିତୀୟ ବିଜୟ ହାସଲ କରିଛି । ଦଳ ଆଜି ୨-୧ ଗୋଲରେ ଦକ୍ଷିଣ କୋରିଆକୁ ପରାଜିତ କରିଥିଲା । ଭାରତ ଆଜି ଥାଇଲାଣ୍ଡକୁ ଭେଟିବ ।

ପ୍ରଥମ କ୍ୱାର୍ଟର ଖେଳ ସଂଘର୍ଷପୂର୍ଣ୍ଣ ଥିଲା । ତେଣୁ ଏହି ଭାଗ ଖେଳ ଗୋଲ ଶୂନ୍ୟ ରହିଥିଲା । ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ସମାନ ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ହେଲେ ପ୍ରଥମାର୍ଦ୍ଧର ଶେଷ ମିନିଟରେ ଭାରତ ଏକ ଫିଲ୍ଡ ଗୋଲ ଦେଇ ଖାତା ଖୋଲିଥିଲା । ମମତାଜ ଖାନ ଏହି ଗୋଲଟି ସ୍କର କରିଥିଲେ । ତୃତୀୟ କ୍ୱାର୍ଟର ଆରମ୍ଭରୁ ଭାରତ ଆକ୍ରମଣ କରିଥିଲା । ୩୪ ମିନିଟରେ ଦଳକୁ ମିଳିଥିଲା ପେନାଲ୍ଟି କର୍ଣ୍ଣର । ଏହାକୁ ଗୋଲରୂପ ଦେବାରେ ଓଡ଼ିଆ ତାରକା ସୁନେଲିତା ଟପ୍ପ ଆଦୌ ହେଲା କରିନଥିଲେ । ଭାରତ ୨-୦ରେ ଅଗ୍ରଣୀ ହାସଲ କରିଥିଲା । ପରବର୍ତ୍ତୀ ସମୟ ଖେଳ ସଂଘର୍ଷପୂର୍ଣ୍ଣ ଥିଲା । ଶେଷରେ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ୫୬ ମିନିଟରେ କୋରିଆ ଗୋଟିଏ ଗୋଲ ପରିଶୋଧ କରିଥିଲା । ନଭନୀତ କୌର ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫି ହକିରନବମ ସଂସ୍କରଣ ଭୋପାଳରେ ଜାରି ରହିଛି । ଆୟୋଜକ ଡିଫେଣ୍ଡିଂ ଚାମ୍ପିଅନ ଭାରତ ୪-୧ ଗୋଲରେ ମାଲେସିଆକୁ ପରାଜିତ କରି ବିଜୟରୁ ଅଭିଯାନ ଆରମ୍ଭ କରିଛି । ନବମ ସଂସ୍କରଣରେ ମୋଟ୍ ୬ଟି ଦଳ (ଆୟୋଜକ ଦଳ ସମେତ ଚୀନ, ଜାପାନ, ଦକ୍ଷିଣ କୋରିଆ, ମାଲେସିଆ ଓ ଥାଇଲାଣ୍ଡ) ଭାଗ ନେଇଛନ୍ତି । ପ୍ରଥମ ଦିବସରେ ୩ଟି ମ୍ୟାଚ ଖେଳାଯାଇଥିଲା । ପ୍ରଥମ ମ୍ୟାଚରେ ଚୀନ ୭-୦ ଗୋଲରେ ଥାଇଲାଣ୍ଡକୁ ଏବଂ ଜାପାନ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ପରାଜିତ କରିଥିଲା ।

ମନର କଥା କହିଲେ ସର୍ଫରାଜ

ନୂଆଦିଲ୍ଲୀ,୨୨/୧୧; ଭାରତୀୟ ଟେଷ୍ଟ କ୍ରିକେଟ୍ ଟିମରୁ ବାହାରେ ଥିବା ସରଫରାଜ ଖାନ ଶେଷରେ ସେହି ବିବାଦ ଉପରେ ନୀରବତା ଭାଙ୍ଗିଛନ୍ତି । ଯାହା ତାଙ୍କୁ ଏବଂ ତାଙ୍କ ପରିବାରକୁ ଗଭୀର ଆଘାତ ଦେଇଥିଲା । ଭାରତ ପାଇଁ ଏଯାବତ ୬ ଟେଷ୍ଟ ମ୍ୟାଚ୍ ଖେଳି ଗୋଟିଏ ଶତକ ଏବ ୩ଟି ଅର୍ଦ୍ଧଶତକ ହାସଲ କରି ୩୭୧ ରନ୍ କରିଥିବା ସରଫରାଜ ଖାନ ତାଙ୍କ ହୃଦୟର କଥା କହିଛନ୍ତି । ଜଣେ ଖେଳାଳିଙ୍କ ପାଇଁ ମିଛ ଗୁଜବ ତାଙ୍କ କ୍ୟାରିୟର ଉପରେ କେତେ ପ୍ରଭାବ ପକାଏ ସେ କଥା କହିଛନ୍ତି । ୨୦୨୪-୨୫ ଅଷ୍ଟ୍ରେଲିଆ ଗସ୍ତ (ବର୍ଡର-ଗାଭାସ୍କର ଟ୍ରଫି) ସମୟରେ ଟିମ୍ ଇଣ୍ଡିଆର ଡ୍ରେସିଂ ରୁମ ଭିତର କଥା ମିଡିଆରେ ଲିକ୍ କରିଥିବା ନେଇ ସରଫରାଜ ଖାନଙ୍କ ଉପରେ ଅଭିଯୋଗ ହୋଇଥିଲା । ସେହି କଥାକୁ ମନେ ପକାଇ ଇମୋସନାଲ ହୋଇଛନ୍ତି ସରଫରାଜ ଖାନ ।



ଏହି ମାମଲାରେ ସରଫରାଜ ଖାନ ପ୍ରଥମ ଥର ଖୋଲାଖୋଲି ଭାବେ ମନ କଥା କହିଛନ୍ତି । ସେ ସଫା ସଫା ଏହି ଅଭିଯୋଗକୁ ଖାରଜ କରିଛନ୍ତି । ମିଛ ବୋଲି କହିଛନ୍ତି । ଏହି ମିଛ ଖବର ତାଙ୍କ ପରିବାରକୁ ଗଭୀର ଆଘାତ ଦେଇଥିବା କହିଛନ୍ତି ସରଫରାଜ । ପୂର୍ବତନ କ